# ଫୁଲୁଛି ମହେନ୍ଦ୍ରତନୟା, ବଢ଼ୁଛି ନାଳ

## ୨୨ ଗ୍ରାମ ବାହ୍ୟଜଗତରୁ ବିଛିନ୍ନ

### ଅସହାୟ ଜୀବନ ବଞ୍ଚୁଛନ୍ତି ତିତ୍‌ଲୀ କ୍ଷତିଗ୍ରସ୍ତ

**ରାୟଗଡ଼(ଗଜପତି), ୭।୮ (ଡି.ଏନ୍.ଏ.):**

ଲଗାଣ ବର୍ଷା ଯୋଗୁ ରାୟଗଡ଼ ଠାରେ ମହେନ୍ଦ୍ରତନୟା ନଦୀ ସହ ବିଭିନ୍ନ ନାଳ ଫୁଲିବାରେ ଲାଗିଛି। ଫଳରେ ବ୍ଲକ୍‌ର ୬ଟି ପଞ୍ଚାୟତର ୨୨ଟି ଗ୍ରାମ ବାହ୍ୟଜଗତରୁ ବିଛିନ୍ନ ହୋଇଛି। ଜଳସ୍ତର ବୃଦ୍ଧି ଯୋଗୁ ଲୋକେ ନଦୀ, ନାଳ ପାରିହେବା ଅସମ୍ଭବ ହୋଇପଡ଼ିଛି। ଯଦ୍ୱାରା ପିଲାମାନେ ସ୍କୁଲକୁ ଯାଇପାରୁନାହାନ୍ତି। ଲଗାଣ ବର୍ଷାର ପ୍ରଭାବରେ ସବୁ ଚାଷଜମିରେ ବର୍ଷାଜଳ ଭର୍ତ୍ତି ହୋଇ ଚାଷୀମୁହଁରେ ହସ ଫୁଟାଇଲାବେଳେ, ସେପଟେ ତିତ୍‌ଲୀ କ୍ଷତିଗ୍ରସ୍ତମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍‌ର ୬ଟି ପଞ୍ଚାୟତର ୨୨ଟି ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଏଥିରେ ସାନଦୁଣ୍ଡି ପଞ୍ଚାୟତର ୭ଟି ଗ୍ରାମ, ମାର୍ଲବା ପଞ୍ଚାୟତର ୩, ଜଲାଙ୍ଗ ପଞ୍ଚାୟତର ୧, କରଡାସିଂ ପଞ୍ଚାୟତର ୨, କୁମୁଳାସିଂ ପଞ୍ଚାୟତର ୬, ଓ କଇଁପୁର ପଞ୍ଚାୟତର ୩ଟି ଗ୍ରାମ ରହିଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତିତ୍‌ଲୀରେ ଏହି ବ୍ଲକ୍ ବିଶେଷ ପ୍ରଭାବିତ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କ ପାଇଁ ନିର୍ମାଣ ହେଉଥିବା ନୂତନ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏବେ ଲଗାଣ ବର୍ଷାରେ କିଏ ପଲିଥିନ୍ ତ କିଏ ଚାଳଘର ଓ ଭଙ୍ଗାଘରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। ତେଣୁ ବର୍ଷାରେ ପ୍ରଭାବିତମାନଙ୍କୁ ତୁରନ୍ତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରି ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇଦେବା ପାଇଁ ଦାବି ହେଉଛି। ଏସମ୍ପର୍କରେ ବିଡିଓ ଲୁକାଶ ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେଯେ, ଗଙ୍ଗାବାଡ଼, କଇଁପୁର ଓ ଆତଙ୍ଗପୁର ଆଦି ଅଞ୍ଚଳରେ କର୍ମଚାରୀମାନେ ସଜାଗ ରହିଛନ୍ତି। ବ୍ଲକ୍‌ରେ ମଧ୍ଯ ସବୁ କର୍ମଚାରୀ ସଜାଗ ରହିଥିବାବେଳେ ସେପରି କୌଣସି ଖବର ଏ ଯାଏ ଆମ ନିକଟରେ ପହଞ୍ଚି ନ ଥିବା କହିଛନ୍ତି।


ଲଗାଣ ବର୍ଷାରେ ନଦୀର ଜଳ ପତ୍ତନ ବୃଦ୍ଧି ପାଇଛି ।

## ବିପଦ ସଙ୍କେତ ଊର୍ଦ୍ଧ୍ୱରେ ବଂଶଧାରା

### ଗୋଟା ବ୍ୟାରେଜ୍‌ର ସମସ୍ତ ୨୨ଗେଟ୍ ଖୋଲିଲା

**କାଶୀନଗର, ୭।୮ (ଡି.ଏନ୍.ଏ.)**

ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ଜାରିରହିଛି। ଫଳରେ ୧୪ଟି ଜିଲାକୁ ରେଡ୍ ଓ୍ୱାର୍ନିଂ ଦିଆଯାଇଛି। ଏହି ଜିଲା ଗୁଡ଼ିକ ମଧ୍ୟରେ ଗଜପତି ଜିଲା ରହିଛି। ଜିଲାରେ ୩ଦିନ ଧରି ବର୍ଷ ଜାରି ରହିଛି। କାଶୀନଗରରେ ବୁଧବାର ୨୪ ମି.ମି ବର୍ଷା ରେକର୍ଡ଼ ହୋଇଥିବାବେଳେ ବଂଶଧାରା ନଦୀ ବିପଦସଙ୍କେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଏଠାରେ ସତର୍କ ସଙ୍କେତ ୫୩.୬୫ମିଟର ହୋଇଥିବାବେଳେ ବିପଦ ସଙ୍କେତ ୫୪.୬୫ ରହିଛି। ପ୍ରତିଘଣ୍ଟାରେ ଜଳସ୍ତର ବୃଦ୍ଧି ପାଉଥିବା ଜଣାପଡ଼ିଛି। ସକାଳ ୮ଟାରେ ବିପଦ ସଙ୍କେତ ଟପି ୫୫.୦୪ ରହିଥିବାବେଳେ ଦିନ ଗୋଟାଏ ସୁଦ୍ଧା ଏହା ୫୬.୧୮ରେ ପହଞ୍ଚିଥିଲା। ମାତ୍ର ଅପରାହ୍ନ ୨ଟା ପରେ ଜଳସ୍ତର ସାମାନ୍ୟ କମି ୫୬.୧୩ ଏବଂ ୩ଟାରେ ୫୬.୦୨ ରେକର୍ଡ଼ କରାଯାଇଥିବା ଜଣାପଡ଼ିଛି। ବଂଶଧାରା ନଦୀ ଆନ୍ଧ୍ରପ୍ରଦେଶର ଗୋଟା ବ୍ୟାରେଜ୍ ଠାରେ ମିଶିଥିବାବେଳେ ସେଠାରେ ଲଗାଣ ବର୍ଷା ଯୋଗୁ ବ୍ୟାରେଜ୍‌ର ସମସ୍ତ ୨୨ଟି ଗେଟ୍ ଖୋଲି ଦିଆଯାଇଛି। ରାତିସୁଦ୍ଧା ଜଳସ୍ତର କମିଥିବା କେନ୍ଦ୍ରୀୟ ଜଳଆୟୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉପରମୁଣ୍ଡରେ ବର୍ଷା ଅଧିକ ହେବାରୁ କାଶୀନଗର କିଡ଼ିଗାଁ ଠାରେ ମୁଖ୍ୟରାସ୍ତାରେ ୫ଫୁଟ ଉପରେ ପାଣି ପ୍ରବାହିତ ହେଉଥିଲା। ଏହିରାସ୍ତା ଦେଇ ଗାଡ଼ି ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ସେହିପରି ଖାଣ୍ଡବା ପଞ୍ଚାୟତର ପାଲସିଂ ଓ ପୁରୁଣାବାଡ଼ିଗାଁର ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ୬୫୦ ଲୋକଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ବିଡିଓ ପ୍ରଣବ କୁମାର ବେହେରା ପ୍ରତ୍ୟେକ ଅଞ୍ଚଳ ବୁଲି ଲୋକଙ୍କ ରହିବା ଓ ଖାଇବା ବ୍ୟବସ୍ଥାର ତଦାରଖ କରୁଛନ୍ତି। କାଶୀନଗର ସମେତ ବିପଦ ଆଶଙ୍କା ରହିଥିବା ବିଭିନ୍ନ ଅଞ୍ଚଳରେ ଡାକବାଜି ଯନ୍ତ୍ରଦ୍ୱାରା ଲୋକଙ୍କୁ ସଚେତନ କରାଯାଇଛି। ଅନ୍ୟପକ୍ଷରେ କାଶୀନଗର ଅଗ୍ନିଶମ ବିଭାଗ ନଦୀକୂଳରେ ସଜାଗ ରହିଛି।


ଜିଲାପାଳ, ଏସ୍‌ପି ଓ ତହସିଲଦାର ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

## ଲଗାଣ ବର୍ଷାରେ ଧୋଇଗଲା ଡାଇଭର୍ସନ ରୋଡ୍

**ଗୋଷାଣୀ, ୭।୮ (ଡି.ଏନ୍.ଏ.)**

ଲଗାଣ ବର୍ଷା ଯୋଗୁ ଗୋଷାଣୀ ବ୍ଲକ୍‌ରେ ସ୍ଥିତି ବେହାଲ୍ ହୋଇଛି। ବିଭିନ୍ନ ଚାଷଜମିରେ ପାଣି ଜମିରହିଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବିଶେଷକରି ବିଭିନ୍ନ ନଦୀ ଓ ନାଳରେ ଜଳସ୍ତର ବୃଦ୍ଧି ଯୋଗୁ ଅନେକ ରାସ୍ତା ଧୋଇଯିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଲିଙ୍ଗିପୁର-ଗାରବନ୍ଧ ରାସ୍ତା ଓ ପୋଲ କାର୍ଯ୍ୟ ସମୟରେ ଲୋକେ ଯାତାୟାତ କରୁଥିବା ଡାଇଭର୍ସନ୍ ରୋଡ୍ ଲଗାଣ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ଅଞ୍ଚଳରେ ଆଦର୍ଶ ବିଦ୍ୟାଳୟ ରହିଥିବାରୁ ପିଲାମାନେ ସନ୍ଧ୍ୟାରେ ଘରକୁ ଫେରି ନ ପାରି ଅନ୍ୟ ରାସ୍ତା ଦେଇ ଫେରିଛନ୍ତି।


ଧୋଇହୋଇଯାଇଥିବା ଡାଇଭର୍ସନ ରୋଡ ।

## ସୁଷମାଙ୍କ ବିୟୋଗରେ ଭାଜପାର ଶୋକ

**ପାରଳାଖେମୁଣ୍ଡି, ୭।୮ (ସ୍ୱ.ପ୍ର.) –**

ପୂର୍ବତନ ବିଦେଶ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଗଜପତି ଜିଲା ଭାଜପା ଶୋକପ୍ରକାଶ କରିଛି। ସହରସ୍ଥିତ ଭାଜପା କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଶୋକ ସଭାରେ ଜିଲା ସଭାପତିଜି. ଭେଙ୍କଟରାବଣା ସଭାପତିତ୍ୱ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଠାରେ ସୁଷମାଙ୍କ ପ୍ରତିଭା, ବ୍ୟକ୍ତିତ୍ୱ, ସ୍ୱତନ୍ତ୍ର କାର୍ଯ୍ୟଶୈଳୀ, ସବୁକ୍ଷେତ୍ରରେ ସଫଳତା ଏବଂ ସର୍ବୋପରି ଉତ୍ତମ ମଣିଷ ଭାବେ ତାଙ୍କ କାର୍ଯ୍ୟଧାରାର ସ୍ମୃତିଚାରଣ କରାଯାଇଥିଲା। ସଭାରେ ନୃସିଂହ ଚରଣ ପଟ୍ଟନାୟକ, ଜମିଦାର ପଟ୍ଟନାୟକ, ପି. କ୍ରିଷ୍ଣା, ଜିଲା ପରିଷଦ ସଭ୍ୟା ବିମଳା ସାମଲ ଉପସ୍ଥିତ ଥିଲେ।

■ ଜିଲାସ୍ତରୀୟ ବ୍ୟାଙ୍କର୍ସ କମିଟି କର୍ମଶାଳା

## ଅଧିକ ଋଣ ଯୋଗାଣ ଉପରେ ଗୁରୁତ୍ୱ

**ପାରଳାଖେମୁଣ୍ଡି, ୭।୮(ସ୍ୱ.ପ୍ର.) –**

ଗଜପତି ଜିଲା ମିଶନ ଶକ୍ତି ଆନୁକୁଲ୍ୟରେ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବ୍ୟାଙ୍କର୍ସ କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହା ଅଧ୍ୟକ୍ଷତା କରି ଯୋଜନାରେ ଋଣ ପ୍ରଦାନ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବା ସହ ସହଯୋଗ ପାଇଁ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ବ୍ୟାଙ୍କର ସଂଯୋଜକ ତଥା ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ କିଶୋର ଚନ୍ଦ୍ର ନାଏକ ଏବଂ ଜିଲା ନାବାର୍ଡ ଅଧିକାରୀ ଏସ୍.ପାଲ ଯୋଗ ଦେଇ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ବ୍ୟାଙ୍କର ବିଭିନ୍ନ ଲିଙ୍କେଜ୍ ଓ ମିଶନ ଶକ୍ତି ଋଣ ପ୍ରଦାନ ସମ୍ପର୍କରେ ଏଠାରେ ଅଧିକାରୀମାନେ ଆଲୋଚନା କରିଥିଲେ । ମିଶନ ଶକ୍ତିର ସଂଯୋଜକ ମାନେ ଯୋଗ ଦେଇ ସମସ୍ତ କାର୍ଯ୍ୟକୁ ବ୍ଲକସ୍ତରରେ ସୁଚାରୁ ରୂପେ ସଂପାଦନା କରିବାପାଇଁ ପରାମର୍ଶ ଦେଇଥିଲେ । ସେହିପରି ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ ମିଶନ ଶକ୍ତି କର୍ମକର୍ତ୍ତାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ। ଜିଲା ସଂଯୋଜକ ରଶ୍ମିରଂଜନ ସେଠୀ ସ୍ଲାଇଡଶୋ ମାଧ୍ୟମରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ କୁନ୍ତଳା କୁମାରୀ ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

## ବିଜୟିନୀ ପକ୍ଷରୁ ଷ୍ଟେକ୍ ହୋଲଡରଙ୍କ ବୈଠକ

**ପାରଳାଖେମୁଣ୍ଡି, ୭।୮ (ସ୍ୱ.ପ୍ର.)**

ମହିଳା କେନ୍ଦ୍ର ବିଜୟିନୀ ପକ୍ଷରୁ ଷ୍ଟେକ୍ ହୋଲ୍‌ଡର୍‌ଙ୍କ ଏକ ବୈଠକ ବୁଧବାର ସ୍ଥାନୀୟ ଜଳଛାୟା ବିଭାଜିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ମହିଳା ବିକାଶ ପ୍ରତିଷ୍ଠାନର ସମ୍ପାଦିକା ମିନତୀ ପାଢୀ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୀଡ଼ିତା ମହିଳାଙ୍କୁ ସହାୟତା ଯୋଗାଇଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ। ଏହାଦ୍ୱାରା ସେମାନେ ନ୍ୟାୟ ପାଇବା ସହ ସମ୍ମାନର ସହ ସମାଜରେ ଚଳିପାରିବେ ବୋଲି ସେ କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ନିଜ ବକ୍ତବ୍ୟରେ କେନ୍ଦ୍ରର କାର୍ଯ୍ୟ ପାଇଁ ଖୁସିବ୍ୟକ୍ତ କରିବା ସହ ହିଂସାରେ ପୀଡ଼ିତ ମହିଳାଙ୍କୁ ସାହାଯ୍ୟ ଓ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ପାରିବାରିକ ହିଂସା ଓ ନିର୍ଯ୍ୟାତନାରେ ପୀଡ଼ିତା ମହିଳାଙ୍କୁ ସହଯୋଗ , ପାରିବାରିକ ବିବାଦକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ, ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ପାଇଁ ସହାୟତା ପାଇଁ କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ଜୁଲାଇ ମାସ ସୁଦ୍ଧା କେନ୍ଦ୍ରଦ୍ୱାରା ୫୦ଅଭିଯୋଗକୁ ପଞ୍ଜିକରଣ କରାଯାଇଥିବା ଜଣାପଡିଛି । ଶେଷରେ ନଟବର ପାଢୀ ଧନ୍ୟବାଦ ଦେଇଥିବାବେଳେ ଭାଗ୍ୟଲକ୍ଷ୍ମୀ ନାୟକ ଓ ଗୌରୀ ସୋରେନ ପରିଚାଳନା କରିଥିଲେ ।

## ମହିଳାଙ୍କ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ

### ଡାକ୍ତର ଓ ନର୍ସଙ୍କ ବହିଷ୍କାର, ଆର୍ଥିକ ସହାୟତା ଦାବି

**କାଶୀନଗର, ୭।୮(ଡି.ଏନ.ଏ.)–**

କାଶୀନଗର ବ୍ଲକ୍ ୭ନଂ ଓ୍ୱାର୍ଡର ଚିତ୍ରୀ ଆଲୁବେଲୀ(୩୪)ଙ୍କ ୫ ତାରିଖରେ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା। ଘଟଣାଦିନ ଆଲୁବେଲୀଙ୍କୁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟନ୍ଦ୍ରେରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ କୌଣସି ଡାକ୍ତର ଉପସ୍ଥିତ ନ ଥିଲେ । ଦାୟିତ୍ୱରେ ଥିବା ଡାକ୍ତର ନିଜ ଘରେ ଥିଲେ। ତାଙ୍କ ଘରକୁ ଯାଇ ଡାକିବାରୁ ସେ ଅଧାଘଣ୍ଟା ପରେ ଆସି ଚିକିତ୍ସା କରିଥିଲେ । ସେହିଭଳି ସେଠାରେ ଥିବା ଷ୍ଟାଫନର୍ସ ମଧ୍ୟ ବିଳମ୍ବରେ ଆସିଥିଲେ। ଡାକ୍ତର ସେଠାରୁ ମହିଳାଙ୍କୁ ପାରଳାଖେମୁଣ୍ଡି ପଠାଇଦେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଚିକିତ୍ସା ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଓ ଅଞ୍ଚଳବାସୀ ଅଭିଯୋଗ କରିବା ସହ ବୁଧବାର ମିଳିତଭାବେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଘେରାଉ କରିଥିଲେ। ଡାକ୍ତରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଖବରପାଇ କାଶୀନଗର ଥାନା ଅଧିକାରୀ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବହୁ ବୁଝାଇଲେ ମଧ୍ୟ କେହି ଶୁଣି ନଥିଲେ । ପରେ ସିଡିଏମ୍‌ଓ ଗୁନୁରାଣୀ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ଆନ୍ଦୋଳନକାରୀମାନେ ଡାକ୍ତର ଓ ନର୍ସଙ୍କ ବହିଷ୍କାର କରି ନୂତନ ଡାକ୍ତର ନିଯୁକ୍ତ କରିବା ଓ ମୃତ ମହିଳାଙ୍କ ଦୁଇ ଛୁଆ ଓ ପରିବାରଙ୍କୁ ଆର୍ଥିକ ସହାୟତା ପାଇଁ ଦାବି କରିଥିଲେ। ଏଥିରେ ଏନଏସିର ପୂର୍ବତନ କାଉନ୍‌ସିଲର୍ ଏମ. ପ୍ରବୀଣ କୁମାର, ରଘୁରାମ ସାହୁ, କେ.ମଧୁଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଆଲୁବେଲୀ ନିଜ ଜମିରେ କାମ କରିବା ସମୟରେ ତାଙ୍କୁ ସାପ କାମୁଡ଼ିଥିଲା।


ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପରିବାର ଓ ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି।

DSPL-63

ଜଳ ଶକ୍ତି ଅଭିଯାନ
ଆଜି ହିଁ ସଂଚୟ କରିବା ଜଳ, ଆସନ୍ତା କାଲିର ହେବ ମଙ୍ଗଳ

କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ
ସ୍ଥାନ : ଟାଉନ ହଲ, ପୌର ସଂସ୍ଥା କାର୍ଯ୍ୟାଳୟ ପରିସର, କେନ୍ଦ୍ରାପଡ଼ା
ତାରିଖ : ୦୮.୦୮.୨୦୧୯ ସମୟ : ଅପରାହ୍ନ ୩.୩୦ ମିନିଟ୍

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଅନୁଭବ ମହାନ୍ତି,
ମାନ୍ୟବର ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ଶଶିଭୂଷଣ ବେହେରା,
ମାନ୍ୟବର ବିଧାୟକ, କେନ୍ଦ୍ରାପଡ଼ା
ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲ,
ମାନ୍ୟବର ବିଧାୟିକା, ପାଟକୁରା
ଶ୍ରୀଯୁକ୍ତ ଧ୍ରୁବ ଚରଣ ସାହୁ,
ମାନ୍ୟବର ବିଧାୟକ, ରାଜନଗର
ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେବ,
ମାନ୍ୟବର ବିଧାୟକ, ଆଳି
ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ,
ମାନ୍ୟବର ବିଧାୟକ, ମହାକାଳପଡ଼ା
ଶ୍ରୀଯୁକ୍ତ ମାନସ କୁମାର ପରିଡ଼ା,
ସଭାପତି ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା,
ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗ
ସୁଶ୍ରୀ ମୋନିକା ନୀଲସନ, ମୁଖ୍ୟ, ୟୁନିସେଫ, ଓଡ଼ିଶା



ଆସନ୍ତୁ, ସାମିଲ ହେବା ଜଳଶକ୍ତି ଅଭିଯାନରେ
ଓଡ଼ିଶା ସରକାର
ଜଳସମ୍ପଦ ବିଭାଗ
19085/13/0001/1920

# ମାଲକାନଗିରି ଜିଲା ବେହାଲ୍


ମାଲକାନଗିରି ଜିଲା ଚାଲାଣଗୁଡା ନଦୀରେ ଆସିଥିବା ବନ୍ୟାଜଳ ।


ବନଗୁଡା-ପାଲକଗୁଡା ସେତୁ ଭାଙ୍ଗିଯାଇଛି ।


ଜିଲାପାଳ ମନିଷ ଅଗ୍ରୱାଲ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ।


ପୋଟେରୁ ବଜାରରେ ବନ୍ୟାଜଳ ।


ପୋଲିସ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଉଦ୍ଧାର କରାଯାଉଛି ।



ମାଲକାନଗିରି-ସୁକ୍‌ମା ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଛି ।


କୋରାକୋଣ୍ଡା ଅଞ୍ଚଳର ଜଣେ ମହିଳାଙ୍କ ଘର ଭାଙ୍ଗିଛି ।


ଏମଭି-୭ ଗ୍ରାମରେ ବନ୍ୟାଜଳ


ପଡିଆରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗାଡିମୋଟର ଅଟକି ରହିଛି ।


କାଲିମେଲାରେ ଚାଷଜମି ଜଳମଗ୍ନ ହୋଇପଡିଛି ।


ପୋଟେରୁ ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି ।

## କାଲିମେଲା ବାହ୍ୟଜଗତରୁ ବିଚ୍ଛିନ୍ନ
### ୪ ପୋଲ ଉପରେ ୫ ଫୁଟ୍ ବନ୍ୟାଜଳ

- କାଲିମେଲା,ପଡିଆ ମୋଟକୁ ଯୋଗାଯୋଗ ବିଚ୍ଛିନ୍ନ
- ବିଭିନ୍ନ ସ୍ଥାନକୁ ଯୋଗାଯୋଗ ଠପ୍
- ଆନ୍ତଃ ରାଜ୍ୟ ବସ୍ ସେବା ପ୍ରଭାବିତ
- ଭୟରେ ଦିନ କାଟୁଛନ୍ତି ଛାତ୍ରୀଛାତ୍ର

କାଲିମେଲା,୭।୮(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ଅଞ୍ଚଳରେ ତୃତୀୟ ଥରପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାରେ ପ୍ରବଳ ବର୍ଷା ଲାଗିରହି ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ମଙ୍ଗଳବାର କାଲିମେଲା ବ୍ଲକରେ ମୋଟ ୧୨୯ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ପ୍ରବଳ ବର୍ଷା ସାଙ୍ଗକୁ ମଝିରେ ମଝିରେ ପବନ ବହିବା ଯୋଗୁ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି। ମଙ୍ଗଳବାରଠାରୁ ବର୍ଷା ଲାଗି ରହିଥିବାରୁ ବୁଧବାର ସକାଳୁ ୩୨୬ ନଂ. ଜାତୀୟ ରାଜପଥର ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମଭି-୯୦ ଗୁବୁଲୁର ନାଳ, ଏମଭି-୯୬ରେ ଥିବା ପୋଲ ଉପରେ ପ୍ରାୟ ୪ରୁ ୫ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ଏକ ପ୍ରକାର ଠପ୍ ହୋଇଯାଇଛି। ମାଲକାନଗିରିରୁ କାଲିମେଲା, କାଲିମେଲାରୁ ମୋଟୁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। କାଲିମେଲା ସହ ପଡ଼ିଆ ବ୍ଲକକୁ ସଂଯୋଗ କରୁଥିବା କନ୍ୟାଶ୍ରମ ପୋଲ ଉପରେ ମଧ୍ୟ ୫ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। କାଲିମେଲାରୁ ପଡ଼ିଆ ବ୍ଲକକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛି। ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶକୁ ଗାଡିମୋଟର ଚଳାଚଳ ବନ୍ଦ ରହିଛି। ମାଲକାନଗିରି ଜିଲା ସହ ଆନ୍ଧ୍ର ଓ ଛତିଶଗଡ଼କୁ ସଡ଼କପଥ ଏକ ପ୍ରକାର ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ଆନ୍ତଃ ରାଜ୍ୟ ବସ୍ ସେବା ପ୍ରଭାବିତ ହୋଇଛି। କାଲିମେଲାରୁ ହାଇଦ୍ରାବାଦ, କାଲିମେଲାରୁ ରାୟପୁରକୁ ଯାତାୟାତ କରୁଥିବା ଯାତ୍ରୀବାହୀ ବସ୍ ସବୁ ଅଧା ବାଟରେ ଅଟକି ରହିଛି। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପଟେରୁ ନଦୀ ନିକଟବର୍ତ୍ତୀ ତଳିଆ ଅଞ୍ଚଳର ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି । କାଲିମେଲା ବ୍ଲକର ନାମକୋଣ୍ଡାରୁ ଭେଙ୍କଟପଲମ ଗ୍ରାମକୁ ମଧ୍ୟ ଯୋଗାଯୋଗ ବନ୍ଦ ରହିଛି। ପୋଟେରୁ ନଦୀର ବନ୍ୟାଜଳ ନାମକୋଣ୍ଡା ଭେଙ୍କଟପଲମ ଗ୍ରାମ୍ୟ ରାସ୍ତା ବୁଡାଇ ଦେଇଛି। ଏହିସବୁ ଗ୍ରାମକୁ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ। ଏମଭି-୯୦ ଫାର୍ମ କଲୋନୀ ଏବଂ ଭେଙ୍କଟାପଲମ ପଞ୍ଚାୟତର ତେଲିଗୁଡ଼ା, ଏମଭି-୧୩୦ ଗ୍ରାମ ମଧ୍ୟ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଗିରକାନପାଲି ଗ୍ରାମ ପୋଟେରୁ ନଦୀ କୂଳରେ ଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଗିରକାନପାଲି ଆଶ୍ରମ ବିଦ୍ୟାଳୟ ଓ କାଲିମେଲା ବାଳିକା ଆଶ୍ରମ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଭୟଭୀତ ଅବସ୍ଥାରେ ରାତି କଟାଉଛନ୍ତି। ଗତବର୍ଷ ବନ୍ୟାରେ ଏହି ଦୁଇ ବିଦ୍ୟାଳୟ ଭିତରେ ବନ୍ୟାଜଳ ପ୍ରବେଶ କରିଥିଲା। ବିଦ୍ୟାଳୟ ପାଚେରି ଭାଙ୍ଗି ଯାଇଥିଲା। ତେବେ ବନ୍ୟା ପରିସ୍ଥିତି ଉପରେ ବିଡିଓ ଉମାଶଙ୍କର ଦଳାଇ, ରାଜସ୍ୱ ଅଧିକାରୀ, ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଜର ରଖିଛନ୍ତି।

## ମାଲକାନଗିରି ବନ୍ୟା : ପରିସ୍ଥିତି ଗମ୍ଭୀର

- ୧୭ ଗ୍ରାମରେ ବନ୍ୟାଜଳ ପଶିଛି
- ଅନେକ ଘର ଭାଙ୍ଗିଛି
- ୨୧୭୨ଲୋକ ବାତ୍ୟା ଆଶ୍ରୟ ସ୍ଥଳରେ

ମାଲକାନଗିରି/ଏମ୍.ଭି. ୭୯/ପଦ୍ମଗିରି/ଶିଖପାଲି/ପଡିଆ/କୋରୁକୋଣ୍ଡା/ଚିତ୍ରକୋଣ୍ଡା, ୭।୮(ଡି.ଏନ୍.ଏ./ସ୍ୱ.ପ୍ର.)

ଲଘୁଚାପଜନିତ ଲଗାଣ ବର୍ଷା ସମଗ୍ର ମାଲକାନଗିର ଜିଲାକୁ ବେହାଲ କରିଦେଇଛି। ମଙ୍ଗଳବାର ରାତିରୁ ବର୍ଷା ଲାଗିରହିଥିବାରୁ ଜିଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଅଧିକାଂଶ ନଦୀର ଜଳପତ୍ତନ ବୃଦ୍ଧି ପାଇଛି। ଜିଲାରେ ଜନଜୀବନ ଏକପ୍ରକାର ଠପ୍ ହୋଇଯାଇଛି। ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୨୬.୨୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଗତ ୧୦ଦିନ ଧରି ମାଲକାନଗିରି ଜିଲାରେ ଲଗାଣ ବର୍ଷା ଯୋଗୁ ତିନି ଥର ବନ୍ୟା ପରିସ୍ଥିତି ସୃଷ୍ଟି ହେଲାଣି। ଜିଲା ଶିକ୍ଷା ବିଭାଗ ବର୍ଷା ଓ ବନ୍ୟାକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଜିଲାପାଳ ମନୀଷ ଅଗ୍ରୱାଲ ନିଜେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୧୭୨ ଲୋକଙ୍କୁ ୨୪ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ସମସ୍ତଙ୍କୁ ମାଗଣା ଖାଦ୍ୟ ଓ ପଲିଥିନ ପ୍ରଦାନ କରାଯାଇଛି। ମାଲକାନଗିରି ସହର ମୁଖ୍ୟ ରାସ୍ତା ଉପରେ, ପୁରୁଣା ଆର୍‌ଟିଓ କାର୍ଯ୍ୟାଳୟ, ପାତ୍ରଗୁଡା, ସାମ୍ଭାୟାଗୁଡାର ଉଭୟ ପାର୍ଶ୍ୱରେ ଥିବା ଅନେକ ଘରେ ପାଣି ପଶିଛି। ସେହିପରି ବୁଟିଗୁଡା, ୧୧୯ କଲୋନୀ, ଶିଶୁ ମନ୍ଦିର, ବଣ୍ଡାବାକୁଲିଗୁଡାରେ ବର୍ଷାଜଳ ପ୍ରବେଶ କରି ଅନେକ କ୍ଷୟକ୍ଷତି ଘଟାଇଛି। ପ୍ରଶାସନ ପକ୍ଷରୁ ଜଳମଗ୍ନ ଅଞ୍ଚଳର ଲୋକମାନଙ୍କୁ ବିଭିନ୍ନ ବିଦ୍ୟାଳୟରେ ରଖାଯାଇଛି। କୋରୁକୋଣ୍ଡା ଓ ପଡିଆ ବ୍ଲକରେ ୩୦ ଘର ଭାଙ୍ଗିଥିବା ବେଳେ କାଲିମେଲା ଓ ପଡିଆ ବ୍ଲକର ୧୭ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ଅନ୍ୟ ପକ୍ଷରେ ସାବେରୀ ନଦୀରେ ବନ୍ୟା ଜଳ ଆସିବା ଫଳରେ ପଡିଆ ବ୍ଲକର କନ୍ୟାଶ୍ରମ ପୋଲ ଉପରେ ଏବଂ ସାବେରୀ ପୋଲ ଉପରେ ୫ ଫୁଟ ଜଳ ପ୍ରବାହିତ ହୋଇ ମାଲକାନଗିରିଠାରୁ ଛତିଶଗଡ ଓ ଆନ୍ଧ୍ରକୁ ଯୋଗାଯୋଗ ବିଚ୍ଛିନ୍ନ କରିଛି । ଓଡ୍ରାଫର ଏକ ୧୭ ଜଣିଆ ଟିମ୍ ଏୟାର ବୋଟ ଜରିଆରେ ଜଳବନ୍ଦୀ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି। ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ରାପିଡ୍ ଆକ୍ସନ ଫୋର୍ସ ଗଠନ କରାଯାଇଛି। ଜରୁରିକାଳୀନ ବିଭାଗରେ ୨୪ ଘଣ୍ଟିଆ ହେଲ୍ପଡେସ୍କ ଖୋଲାଯିବା ସହ ସ୍ୱତନ୍ତ୍ର ହ୍ୱାଟ୍‌ସଆପ୍ ଗ୍ରୁପ୍ ଜରିଆରେ ବନ୍ୟା ଓ ବର୍ଷା ସ୍ଥିତିର ସୂଚନା ଆଦାନ ପ୍ରଦାନ କରାଯାଇ ଏହାର ପ୍ରତିକାର ବ୍ୟବସ୍ଥା କରାଯାଉଥିବା ଜିଲା ଜରୁରିକାଳୀନ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି। ସେହିପରି ମାଲକାନଗିରିରୁ କାଲିମେଲା ରାସ୍ତା ଏମ୍.ଭି.- ୭ ଗ୍ରାମସ୍ଥିତ ତମସା ନଦୀ ପୋଲ ଉପରେ ପାଣି ପ୍ରବାହ ଯୋଗୁ ଯାତାୟାତ ବନ୍ଦ ରହିଛି। ମାଲକାନଗିରି-ଜୟପୁର ରାସ୍ତାର ପଦ୍ମଗିରିକୁ ଯିବାକୁ ଝରାପାଲି ନାଳରେ ପୋଲ ଉପରେ ୩ଫୁଟ ପାଣି ଚାଲୁଛି। ଏଥିଯୋଗୁ ମାଲକାନଗିରିରୁ ପଦ୍ମଗିରି ଅଞ୍ଚଳର ୫ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ମାଲକାନଗିରି ସୀମାନ୍ତ ଛତିଶଗଡ-ସୁକୁମା ରାସ୍ତା ମଝିରେ ସାବେରୀ ନଦୀ ପୋଲ ଉପରେ ୨ଫୁଟ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହୋଇ ସୁକୁମା, ଜଗଦଲପୁର, ରାୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୁଧବାର ପାଙ୍ଗାମ ନଦୀ ପୋଲ ଉପରେ ଜଳ ପ୍ରବାହିତ ହେବାରୁ ସେହି ରାସ୍ତା ଦେଇ ଆସୁଥିବା ଭୁବନେଶ୍ୱର, କଟକ, ସମ୍ବଲପୁର, ବିଶାଖାପାଟଣା, ବିଜୟନଗରକୁ ବସ୍ ଚଳାଚଳ ବନ୍ଦ ହୋଇଯାଇଛି। ଫଳରେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ମାଲାକନଗିରିରୁ କାଲିମେଲା ଯିବା ରାସ୍ତା ଶିଖପାଲି ଛକରୁ ୩୦ କିଲୋମିଟର ପଡିଆ ଯିବା ରାସ୍ତାରେ ଅନେକ ନାଳ ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ମାଟାପାକା, ନାମଗୋଣ୍ଡା, ନିଲିଗୁଡା, ମୋଟେରୁ, ପଡିଆକୁ ଯାତାୟାତ ବନ୍ଦ ହୋଇଯାଇଛି।


ଚିତ୍ରକୋଣ୍ଡାରେ ଚାଷଜମି ଜଳମଗ୍ନ ହୋଇରହିଛି ।

ପଡିଆ ବ୍ଲକ ୨ଦିନ ହେଲା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ମାଲକାନଗିରି, କାଲିମେଲା ଓ ମୋଟୁକୁ ଯୋଗାଯୋଗ ସମ୍ଭବ ହେଉନାହିଁ। ଜାତୀୟ ରାଜପଥ ଉପରେ ୫ଫୁଟ୍‌ର ପାଣି ପ୍ରବାହିତ ହେଉଛି। ଫଳରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

କୋରୁକୋଣ୍ଡା ଅଞ୍ଚଳରେ ୨ ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷାରେ ଅନେକ ନାଳ ଓ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଚାଲାଣଗୁଡ଼ା ନିକଟସ୍ଥ ତମସା ନଦୀ ପୋଲ ଉପରେ ଏବଂ ଏମଭି-୩୭ ପୋଲ ଉପରେ ୪ରୁ ୫ ଫୁଟ ବନ୍ୟା ଜଳ ପ୍ରବାହିତ ହେଉଛି। କୋରୁକୋଣ୍ଡା ପୋଲ ଓ ଏମଭି-୩୭ ପୋଲ ଉପରେ ବନ୍ୟାଜଳ ଯୋଗୁ ବାଲିମେଲା ଓ ମାଲକାନଗିରି ମୁଖ୍ୟ ରାସ୍ତା ଦେଇ ଗମନାଗମନ ବନ୍ଦ ରହିଛି। ଆନ୍ଧ୍ର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରଭାବିତ ଲୋକଙ୍କୁ ସ୍କୁଲ ଘରକୁ ସ୍ଥାନାନ୍ତରିତ କରି ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି।

ଚିତ୍ରକୋଣ୍ଡା ଅଞ୍ଚଳ ଲଗାଣ ବର୍ଷାରେ ପରିସ୍ଥିତି ଜଟିଳ ହୋଇପଡିଛି। ବାହାରକୁ ବାହାରିବା କଷ୍ଟକର ହେଉଛି। ଚିତ୍ରକୋଣ୍ଡା-ବାଲିମେଲା ଘାଟିରେ ୨ଟି ଗଛ ଭାଙ୍ଗି ଗାଡିମୋଟର ଯାତାୟାତ ବାଧାପ୍ରାପ୍ତ ହୋଇଛି। ଚାଷ ଜମିକୁ ପାଣି ବୁଡ଼ାଇ ରଖିଛି। ବର୍ଷା ଯୋଗୁ ରାସ୍ତାଘାଟ, ଘରବାରି, ଜମି ଜଳମଗ୍ନ ହୋଇପଡିଛି। ଚିତ୍ରକୋଣ୍ଡା ସହର ଏବଂ କଲୋନୀ ଭିତରେ ଡ୍ରେନ ସମସ୍ୟା ଯୋଗୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ସମସ୍ୟା ସୃଷ୍ଟି ହୋଇଛି।

# ଫୁଲୁଛି ନଦୀ

# ରାୟଗଡ଼ାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି


ନାଗାବଳୀ ନଦୀରେ ବନ୍ୟାଜଳ।


ଗୁଡାରୀ ରାସ୍ତାରେ ପାଣି।


ଗୁମୁଡା-ଗୁଣପୁର ମୁଖ୍ୟ ରାସ୍ତାରେ ବର୍ଷା ପାଣି।


ବଂଶଧାରା ନଦୀରେ ବନ୍ୟାଜଳ।

**ରାୟଗଡ଼ା ଅଫିସ, ୭।୮**

ରାୟଗଡ଼ା ଜିଲାର ସମସ୍ତ ନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ଉପୁଜିଛି। ଜିଲାର ୧୧ ବ୍ଲକରେ ବନ୍ୟା ଯୋଗୁ ନାହିଁ ନ ଥିବା ସ୍ଥିତି ଦେଖାଦେଇଛି। ୪୦ ଘଣ୍ଟାର ଲଗାଣ ବର୍ଷା ଯୋଗୁ ଜିଲାର ୫ ପ୍ରମୁଖ ନଦୀର ଜଳସ୍ତର ଏବେ ବଢ଼ିଛି। ନଦୀ ଜଳସ୍ତର ବୃଦ୍ଧି ଯୋଗୁ ଅନେକ ପୋଲ ଭୁଶୁଡ଼ିବା ସହ ରାସ୍ତା ଧୋଇଯାଇଛି। ସଡ଼କପଥ ଧୋଇବା ଓ ଗଛପଡି ରାସ୍ତା ଧୋଇବାରୁ ସର୍ବାଧିକ ପ୍ରଭାବିତ ହୋଇଛି ନିୟମଗିରି ପାହାଡ଼। ନିୟମଗିରି ପାହାଡ଼ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ। ଉଭୟ ବିଷମକଟକ ଓ କଲ୍ୟାଣସିଂହପୁର ବ୍ଲକର ୫୦ ଖଣ୍ଡ ଗାଁ ବିଚ୍ଛିନ୍ନ ହୋଇଯାଇଛି। ଏଣେ କାଶୀପୁର ବ୍ଲକ ତୁଜେର ନଦୀରେ ଭାସି ଯାଇ ଦୁଇ ସମ୍ପର୍କୀୟ ଭାଇ ନିଖୋଜ ଅଛନ୍ତି। ଆମ୍ବଦଳା ରେଳଷ୍ଟେଶନଠାରୁ ଅଳ୍ପଦୂରରେ ଥିବା ଖାରିପୁଲିଆ ନିକଟରେ ରେଲୱେ ଟ୍ରାକ ଧୋଇଯାଇଛି। ଫଳରେ ରାୟଗଡ଼ା ଟିଟ୍‌ଲାଗଡ଼ ମଧ୍ୟରେ ରେଳ ଚଳାଚ, ଠପ୍। ଏଣେ ଟିକିରି ରେଳ ଷ୍ଟେଶନ ବର୍ଷା ପାଣିରେ ବୁଡ଼ି ରହିଛି। ଷ୍ଟେଶନ ଭିତରେ ଓ ବାହାରେ ପ୍ରାୟ ୩ଫୁଟ ପାଣି ପ୍ରବାହିତ ହେଉଛି। ରାୟଗଡ଼ା କୋରାପୁଟ ରେଳପଥରେ ଭୂସ୍ଖଳନ ମଧ ଘଟିଛି। ଭାଲୁମାସ୍କା ଷ୍ଟେଶନ ନିକଟରେ ଥିବା ୨୩ ନମ୍ବର ଟନେଲ ସମ୍ମୁଖରେ ନିକଟସ୍ଥ ପାହାଡରୁ ମାଟି ଅତଡ଼ା ଓ ପଥର ଖସି ରେଳ ଚଳାଚଳ ବନ୍ଦ ରହିଛି। କାଶୀପୁର ବ୍ଲକ କୁଚେଇପଦର ନାଳ ଉପରେ ଥିବା ପୋଲ ଭୁଶୁଡି ପଡିଛି। ଏହାଦ୍ୱାରା କାଶୀପୁର ବ୍ଲକ କୁଚେଇପଦର, କୋଡିପାରୀ, ଡଙ୍ଗାସିଲ ଓମାଶିକଞ୍ଜ ପଞ୍ଚାୟତ ସହ ଯୋଗଯୋଗ ବିଚ୍ଛିନ୍ନ ରହିଛି। ମୁନିଗୁଡ଼ା ବ୍ଲକ ଅଧୀନ ବଂଶଧାରା ନଦୀର ଯୁଗାପଦର ପୋଲର ଆପ୍ରୋଚ ରୋଡ଼ ଧୋଇଯାଇଛି। ଫଳରେ ରାୟଗଡ଼ା କନ୍ଧମାଳ ଜିଲା ମଧରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୁଧବାର ମଧାହ୍ନ ଭୋଜନ ପରେ ଜିଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି।

**ବର୍ଷାର ପ୍ରଭାବ**

- ଜିଲାର ୫ ନଦୀରେ ବଢ଼ିଛି ଜଳସ୍ତର
- ବିଷମକଟକ ଓ କଲ୍ୟାଣସିଂହପୁରର ୫୦ ଗାଁ ବିଚ୍ଛିନ୍ନ
- ତୁଜେର ନଦୀରେ ଭାସି ଦୁଇ ସମ୍ପର୍କୀୟ ଭାଇ ନିଖୋଜ
- କେଆର୍ ରେଳପଥରେ ମାଟି ଧସିଲା
- ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ ଜଗନ୍ନାଥ ସାରକା
- ବୁଧବାର ମଧ୍ୟାହ୍ନଭୋଜନ ପରେ ଜିଲାର ସବୁ ସ୍କୁଲକୁ ବନ୍ଦ କରାଗଲା


ଟିକିରି-ଡଙ୍ଗାସିଲ ରାସ୍ତା ଭାଙ୍ଗିଯାଇଛି।


ଟିକିରି-ରାୟଗଡ଼ା ରେଳ ଧାରଣାରେ ବନ୍ୟାଜଳ।

## ଗୁମୁଡା-ଗୁଣପୁର ମୁଖ୍ୟରାସ୍ତା, ଚାଷଜମିରେ ବନ୍ୟାପାଣି

**ପଦ୍ମପୁର, ୭।୮ (ଡି.ଏନ୍.ଏ.)**

ବଂଶଧାରା ନଦୀରେ ପ୍ରବଳ ବନ୍ୟାଜଳ ମାଡିଆସିବାରୁ ଗୁମୁଡା-ଗୁଣପୁର ରାସ୍ତା ୧ଫୁଟର ଜଳ ପ୍ରବାହିତ ହେଉଥିବା ସମୟରେ ଶହ ଶହ ଧାନ, କପା ଓ ପରିବା ଚାଷ ଜମି ଜଳମଗ୍ନ ହୋଇଯାଇଛି। ଠିକ୍ ସେହିଭଳି ସେରମା ଗାଁ ନିକଟରେ ନଦୀଜଳ ରାସ୍ତାରେ ୨ଫୁଟ ଉପରେ ପ୍ରବାହିତ ହେଉଛି। ଭାମିନି, ସେରମା, ଗୁମୁଡା, କର୍ଣ୍ଣପାଡୁ, ନାଇରା, ଭାଲରେ, ଲିମାପଦର ଆଦି ଗ୍ରାମଗୁଡିକରେ ବ୍ୟାପକ ବନ୍ୟାଜଳ ଧାନକ୍ଷେତରେ ମାଡିଯାଇଛି। ଖବରପାଇ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଗୁଣପୁର ଉଜିଲାପାଳ, ରାମନାଗୁଡା ବିଡିଓ ସୁଧାକର ରଇତ ପ୍ରମୁଖ ନଦୀତଟବର୍ତ୍ତୀ ଅଞ୍ଚଳ ଗ୍ରାମବାସୀଙ୍କ ଅବସ୍ଥା ସମ୍ପର୍କରେ ବୁଲି ଦେଖିଥିଲେ। ଠିକ୍ ସେହିଭଳି ପଦ୍ମପୁର ଖମାପଦର ନାଳରେ ପ୍ରବଳ ଜଳ ଆସିବାରୁ ଜାଡିଲି ଓ ଖମାପଦର ମୌଜାର ବହୁ ଚାଷଜମିରେ ପାଣି ମାଡିଯାଇଛି । ଖମାପଦରର ୪୫ ପରିବାରକୁ ତହସିଲ ଅଫିସରେ ରଖାଯାଇଛି। ତେବେ ପଦ୍ମପୁର ବିଭିନ୍ନ ସ୍ଥାନକୁ ତହସିଲଦାର ନୀଳମାଧବ ମାଝି ବୁଲି ଦେଖିଛନ୍ତି। ଏ ପଟେ କର୍ଣ୍ଣପାଡୁରେ ବନ୍ୟାଜଳ ଗାଁ ଭିତରେ ପଶିବାରୁ ଜଳମଗ୍ନ ହୋଇଛି। ଏପଟେ ଖମାପଦର ଅଞ୍ଚଳର କିଛି ଗର୍ଭବତୀମାନଙ୍କୁ ଗୁଣପୁର ମା' ଗୃହକୁ ପଦ୍ମପୁର ମେଡିକାଲ ଆମ୍ବୁଲାନ୍ସ ଯୋଗେ ସୁରକ୍ଷିତ ସ୍ଥାନକୁ ପଠାଯାଇଛି। ଗୁମୁଡା ଓ ସେରମା, ଲିମାପଦର ଆଦି ଅଞ୍ଚଳକୁ ଉଦ୍ୟାନ ବିଭାଗ ସଂପ୍ରସାରଣ ଅଧିକାରୀ ଅକ୍ଷୟ କୁମାର ପଣ୍ଡା ବୁଲି ଦେଖିଛନ୍ତି ।



## କୂଳ ଲଙ୍ଘିଲାଣି ବଂଶଧାରା

**ଗୁଣପୁର, ୭।୮ (ଡି.ଏନ୍.ଏ.)**

ଲଗାଣ ବର୍ଷା ଯୋଗୁ ରାୟଗଡା ଜିଲା ଗୁଣପୁରରେ ବଂଶଧାରା ନଦୀ ଫୁଲି ଉଠିଛି। ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ବଂଶଧାରା ନଦୀରେ ପ୍ରବାହିତ ହୋଇଛି। ଗୁଣପୁର ଠାରେ ବଂଶଧାରା ନଦୀର ବିପଦ ସଂଙ୍କେତ ୮୪ ମିଟର ରହିଥିବାବେଳେ ସନ୍ଧ୍ୟା ସୁଦ୍ଧା ୮୫.୧୫ ଉପରେ ବନ୍ୟାଜଳ ପ୍ରବାହିତ ହେଉଛ। ବିଭିନ୍ନ ସ୍ଥାନ ସହ ଉପରି ମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ପାଣି ବଢିବା ଆଶଙ୍କା ରହିଛି। ସେପଟ ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଟାଉନ ହଲରେ ପ୍ରଶାସନ ପକ୍ଷରୁ ୩୦୦ ଜଣଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ନିର୍ବାହି ଅଧାକାରୀ ଭାବଗ୍ରାହୀ ସାହୁ ସୂଚନା ଦେଇଛନ୍ତି। ଜିଲାପଳ ପ୍ରମୋଦ କୁମାର ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରତୁରାଜ, ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟପଟେ ଲିହୁରୀ ଷ୍ଟେଶନରେ ବନ୍ୟାଜଳ ଟ୍ରେନ ଲାଇନ ଛୁଇଁ ଥିବାରୁ ପାରଳାଖେମୁଣ୍ଡି ଏବଂ ଗୁଣପୁର ମଧ୍ୟରେ ରେଳ ସେବା ପ୍ରଭାବିତ ହୋଇଛି। ପୁରୀ-ଗୁଣପୁର ଟ୍ରେନ ପାରଳାଖେମୁଣ୍ଡିରୁ ପଲାସା ଅଭିମୁଖେ ଫେରିଯିବ ବୋଲି ଜଣାପଡିଛି। ଗୁଣପୁରର ସୁପର କଲୋନି, ଡୁର୍କାନିଗୁଡା, ପ୍ରଧାନିଗୁଡା, କତାଲୁଗୁଡା ସହ ଗୁଡାରୀ ଏବଂ ପଦ୍ମପୁର ଅଞ୍ଚଳକୁ ଜିଲାପାଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାପାଳ ଜଳ ସମ୍ପଦର ଯନ୍ତ୍ରୀମାନଙ୍କ ସହ ବଂଶଧାରାର ନଦୀର ଜଳ ପତନ ବୃଦ୍ଧି ଏବଂ ଏହାର ମୁକାବିଲା ନେଇ ଆଲୋଚନା କରିଥିଲେ। ସହରର ତଳି ଅଞ୍ଚଳରେ ନାଳ ପାଣି ଅଟକି ରହିବା ଦ୍ୱାରା କେତେକ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସେବା ସମାଜ ଆଖପାଖ ଅଞ୍ଚଳରେ ପାଣି ଜମି ରହିଛି। ଗମୁଡା ଏବଂ ଗୁଣପୁର ରାସ୍ତା ଲିମାପଦର ବନ୍ୟା ପାଣି ରୋଡ ଉପରେ ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତାରେ ବର୍ତ୍ତମାନ ଯାତାୟତ ବାଧାପ୍ରାପ୍ତ ହୋଇଛି। ଗୁଣପୁରରେ ମଙ୍ଗଳବାର ୧୦୭ ମିମି ବର୍ଷା ହୋଇଥିବାବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ୫୨ ମିମି ବର୍ଷା ରେକର୍ଡ କରାଯାଇଛି।

■ ଭାଙ୍ଗିଲା ଡଙ୍ଗାସିଲ ସ୍କୁଲ ପାଚେରି

## ହଷ୍ଟେଲ ଭିତରେ ବର୍ଷାଜଳ


ଡଙ୍ଗାସିଲ ସ୍କୁଲ ପାଚେରି ଭାଙ୍ଗି ହଷ୍ଟେଲରେ ପାଣି ପଶିଯାଇଛି।

**ଟିକିରି, ୭।୮ (ଡି.ଏନ୍.ଏ.)**

ଲଗାଣ ବର୍ଷାରେ କାଶୀପୁର ବ୍ଲକ ଡଙ୍ଗାସିଲ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟ ପାଚେରି ଭାଙ୍ଗିଯାଇଛି। ଫଳରେ ହଷ୍ଟେଲ ଭିତରେ ବର୍ଷା ପାଣି ପଶିଯାଇଛି। ଅନ୍ତେବାସୀଙ୍କ ଆସବାବ ପତ୍ର ଓଦା ହୋଇ ଯାଇଥିବାରୁ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି। କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏହି ହଷ୍ଟେଲ ରୁମ୍‌ରେ ମଙ୍ଗଳବାର ରାତିରେ ପାଣି ପଶିବାରୁ ସେମାନଙ୍କ ବହିପତ୍ର ମଧ ନଷ୍ଟ ହୋଇଯାଇଛି। ଛାତ୍ରୀମାନଙ୍କରାତ୍ରି ଭୋଜନ କରିପାରି ନ ଥିବା ଗ୍ରାମବାସୀ କହିଛନ୍ତି। ସେହିପରି ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଲୋକାଲ ହଷ୍ଟେଲରେ ପାଣି ପଶିବାରୁ ଅନ୍ତେବାସୀ ଛାତ୍ରମାନେ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ପାହାଡ ତଳେ ଥିବା ଡଙ୍ଗାସିଲ ଗ୍ରାମ ଥିବାରୁ ଉପରଆଡୁ ବର୍ଷା ଜଳ ମାଡ଼ି ଆସୁଛି। ହଷ୍ଟେଲ ମଧ୍ୟରେ ବାରମ୍ବାର ପାଣି ପଶୁଥିବାରୁ ଅଭିଯୋଗମାନ ସ୍କୁଲ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନକୁ ଦାୟି କରିଛନ୍ତି। ପକ୍କା ଡ୍ରେନେଜ୍ ବ୍ୟବସ୍ଥା କରି ବର୍ଷାଜଳକୁ ଅନ୍ୟଆଡେ ଡାଇଭଟ କରିବା ପାଇଁ ବାରମ୍ବାର ଗ୍ରାମାବସୀ ଦାବି କରି ଆସୁଛନ୍ତି। କିନ୍ତୁ ଏଥିପ୍ରତି କେହି ଗୁରୁତ୍ୱ ଦେଉ ନ ଥିବାରୁ ଅଭିଯୋଗ ହୋଇଛି। ଗ୍ରାମର ମଦନ ସାହୁ, ଶିବ ନାଏକ, ବିଳାସ ବାଘ, ବିଜୟ ସାହୁ, ରମେଶ ନାଏକ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ବର୍ଷାରେ ବିଦ୍ୟୁତ୍ ଖୁଣ୍ଟି ଓ ଗଛ ଭାଙ୍ଗି ମନ୍ଦିର ଉପର ପଡିଛି। ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗି ତାର ଛିଡିଥିବାରୁ ଡଙ୍ଗାସିଲବାସୀ ଅନ୍ଧାରରେ ରହିଛନ୍ତି।

## ୨୫୦ପରିବାର ସ୍ଥାନାନ୍ତର

**ରାୟଗଡା ଅଫିସ/ମୁନିଗୁଡା, ୭।୮ (ଡି.ଏନ୍.ଏ.)**

ଲଗାଣ ବର୍ଷା ଯୋଗୁ ରାୟଗଡ଼ାରେ ଅନେକ ଘର ଭୁଶୁଡି ପଡିଛି। କଲ୍ୟାଣସିଂହପୁର, ମୁନିଗୁଡା, ବିଷମକଟକ, କାଶୀପୁର ଓ ପଦ୍ମପୁର ଓ ଚନ୍ଦ୍ରପୁର ବ୍ଲକରେ ଅନେକ ଘର ଭାଙ୍ଗିଯାଇଛି। ଫଳରେ ଅନେକ ଲୋକ ବେଘର ହୋଇ ଯାଇଛନ୍ତି। ତବେ ଘର ଭାଙ୍ଗିଥିବା ଲୋକଙ୍କ ନିକଟରେ ପ୍ରଶାସନ ପହଞ୍ଚି ନଥିବା ଅଭିଯୋଗ ହୋଇଛି। ବର୍ଷା ଯୋଗୁ ବିଭିନ୍ନ ବ୍ଲକରେ ୨୫୦ ପରିବାରଙ୍କୁ ସ୍ଥାନାନ୍ତର କରାଯାଇଛି। କେବଳ କଲ୍ୟାଣସିଂହପୁର ବ୍ଲକରେ ୭୫, ମୁନିଗୁଡା ବ୍ଲକରେ ୪୦, ବିଷମକଟକ ବ୍ଲକରେ ୨୫, କାଶୀପୁର ଓ ଚନ୍ଦ୍ରପୁର ବ୍ଲକରେ ୧୫ ପରିବାର ଲେଖାଏଁ ରହିଛନ୍ତି । ସ୍ଥାନାନ୍ତର ହୋଇଥିବା ଲୋକଙ୍କୁ ମାଗଣା ରନ୍ଧାଖାଦ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଉଛି। ବର୍ଷା କମିବା ପର୍ଯ୍ୟନ୍ତ ଏହା ପ୍ରଦାନ କରାଯିବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଏଣେ କୌଣସି ପ୍ରକାର ଅଘଟଣ ଏଡାଇବା ପାଇଁ ଗୋଟିଏ ୟୁନିଟ ଓଡ୍ରାଫ ଓ ୫ ୟୁନିଟ ଦମକଳ ବାହିନୀକୁ ପ୍ରସ୍ତୁତ ରଖାଯାଇଥିବା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜିଲାପାଳ ସୂଚନା ଦେଇଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ବ୍ଲକରେ ଅଫିସରମାନଙ୍କୁ ନିୟୋଜିତ କରାଯାଇଛି। ଜିଲାପାଳ ପ୍ରମୋଦ କୁମାର ବେହେରା ଗୁଣପୁରଠାରେ ଅଛନ୍ତି। ରାୟଗଡାରେ ଅତିରିକ୍ତ ଜିଲାପାଳ ସୁଧାକର ଶବର, ମୁନିଗୁଡାରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମୃତ ରତୁରାଜ, କାଶୀପୁରରେ ରାୟଗଡା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଗୁଡାରୀଠାରେ ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର, କଲ୍ୟାଣସିଂହପୁରରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ପ୍ରମୁଖ ନିୟୋଜିତ ଅଛନ୍ତି। ୨୪ଘଣ୍ଟା ମଧ୍ୟରେ ସମଗ୍ର ଜିଲାରେ ୧୭୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କାଶୀପୁର ବ୍ଲକରେ ସର୍ବାଧିକ ୩୧୮, କଲ୍ୟାଣସିଂହପୁରରେ ୨୪୬.୪, ମୁନିଗୁଡାରେ ୨୩୧. ୮, ରାୟଗଡାରେ ୧୦୮.୭, କୋଲନରାରେ ୧୦୧.୮, ଗୁଣପୁରରେ ୧୦୯.୨, ପଦ୍ମପୁରରେ ୧୨୧., ଗୁଡାରୀରେ ୧୯୨.୪, ରାମନାଗୁଡାରେ ୧୦୯.୪, ବିଷମକଟକରେ ୧୩୫.୮ ଓ ଚନ୍ଦ୍ରପୁରରେ ୧୪୧ମିମି ବର୍ଷା ରେକର୍ଡ ହୋଇଛି। ଅପରାହ୍ନ ୪ଟା ସୁଦ୍ଧା ଏହା ରେକର୍ଡ ହୋଇଥିବାବେଳେ ବର୍ଷା ଲାଗିରହିଥିବାରୁ ବଢିବାର ସମ୍ଭାବନା ଦେଖାଦେଇଛି।


ମନ୍ତ୍ରୀ ଜଗନ୍ନାଥ ସାରକା ବନ୍ୟାଞ୍ଚଳକୁ ଯାଇ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ଗୁଡାରୀ-ଡିମିରିଗୁଡା ଯାତାୟତ ଠପ୍

**ଗୁଡାରୀ, ୭।୮ (ଡି.ଏନ୍.ଏ.)**

ଲଗାଣ ବର୍ଷା ଯୋଗୁ ଗୁଡାରୀ ସହର ସମେତ ଏହାର ଆଖପାଖ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ସହରର ଲାଡି ସାହି, ବାରାଟି ସାହି ଏବଂ ବ୍ରହ୍ମାଣ ସାହିରେ ଅନେକ ଘରେ ଡ୍ରେନ ପାଣି ପଶି ଯାଇଛି। ଡ୍ରେନ୍ ପାଣି ନିଷ୍କାସିତ ନ ହେବାରୁ ଏହି ସମସ୍ୟା ଦେଖାଦେଇଛି। ବଂଶଧାରା ନଦୀରେ ଥିବା ଜଳ ନିଷ୍କାସନ ଗେଟ ଖୋଲାଥିବା ଯୋଗୁ ନଦୀ ଜଳ ପ୍ରବେଶ କରିଥିଲା। ପରେ ସ୍ଥାନୀୟ ପ୍ରଶାସନ ଉପସ୍ଥିତ ରହି ଗେଟ୍ ବନ୍ଦ କରିବା ସହ ଅଗ୍ନିଶମ ବିଭାଗ ଗାଡି ବ୍ୟବହାର କରି ଜଳ ନିଷ୍କାସନ କରିଥିଲେ। ଗୁଣପୁର ଉପଜିଲାପାଳ, ବିଧାୟକ ରଘୁନାଥ ଗମାଙ୍ଗ, ଗୁଡାରୀ ବିଡ଼ିଓ ନୃସିଂହ ଚରଣ ସେଠୀ, ତହସିଲଦାର ଭାରତୀ ଦେବୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗାୟତ୍ରୀ ଦେବୀ ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବ୍ରାହ୍ମଣ ସାହିରେ ଡ୍ରେନ୍ ଜଳ ନିଷ୍କାସିତ ହୋଇ ନ ପାରିବାରୁ ବୁଧବାର ସକାଳେ ପୁଣି ଦମକଳ ଗାଡି ଆସି ଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ କରିଛି। ନଦୀ ଜଳ ଅଧିକ ଆସିବାରୁ ଗୁଡାରୀ ଡିମିରିଗୁଡା ରାସ୍ତାରେ ପାଣି ଜମି ରହିଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ସେହିପରି ବାମୁଣୀ ଡଙ୍ଗର-ଗୁଡାରୀ ମୁଖ୍ୟ ରାସ୍ତାରେ ବର୍ଷା ଜଳ ପ୍ରବାହିତ ହେବାରୁ ଯାତାୟତ ବାଧାପାପ୍ତ ହୋଇଥିଲା। ସ୍ଥାନୀୟ ହାଇସ୍କୁଲ ପରିସରରେ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଖାଦ୍ୟ ପ୍ରଦାନ କରାଯାଇଛି। ନଦୀ ବାଲିପଟାରେ ଶୋଇଥିବା ସମୟରେ ଗୁଡାରୀ ଗୌଡଙ୍କ ୫୦ରୁ ଊର୍ଦ୍ଧ୍ୱ ଗାଈ ଓ ମଇଁଷି ଭାସିଯାଇଥିବା ସୂଚନା ମିଳିଛି। ବଂଶଧାରା ନଦୀର ବ୍ରିଜ୍ ତୁଠରେ ପ୍ରଶାସନ ତରଫରୁ ବାଲି ବସ୍ତା ପକାଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ମୁନିଗୁଡ଼ା, ୭।୮ (ଡି.ଏନ୍.ଏ.)**

ମୁନିଗୁଡ଼ାଠାରେ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖମଣ ସାହିର ରାଧାକାନ୍ତ ଗୌଡ଼। ପ୍ରକାଶ ଯେ, ଲଗାଣ ବର୍ଷାରେ ଖମଣା ସାହିସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମର ବାଡ ଚାର୍ଜ ହୋଇ ରହିଥିଲା। ରାଧାକାନ୍ତ ସେହି ରାସ୍ତା ଦେଇ ଯିବା ସମୟରେ ଗୋଡ଼ ଖସିଯିବାରୁ ସେ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଯାଇଛି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ଓ ବିଦ୍ୟୁତ ବିଭାଗ ଅଧିକାରୀ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମୃତକଙ୍କ ପରିବାରକୁ ସହାୟତାଦେବାକୁ ଦାବି ହୋଇଛି।

**ସଂକ୍ଷେପରେ**

## ଦଶମନ୍ତପୁରରେ ସର୍ବାଧିକ ବର୍ଷା ରେକର୍ଡ଼

କୋରାପୁଟ,୭।୮(ସ୍ୱ.ପ୍ର.): କୋରାପୁଟ ଜିଲାରେ ବୁଧବାର ୧୫୯୫.୧ ମିଲିମିଟର ବର୍ଷା ହୋଇଥିବାବେଳେ ଜିଲାର ଦଶମନ୍ତପୁର ବ୍ଲକରେ ସର୍ବାଧିକ ୧୮୩ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ସେହିପରି ଜିଲାର ବୈପାରିଗୁଡ଼ା ବ୍ଲକରେ ୧୪୬ ମିମି ବର୍ଷା ହୋଇଥିବା ବେଳେ ସେମିଲିଗୁଡ଼ା ବ୍ଲକରେ ୧୪୫ ମିମି ବର୍ଷା, ଜୟପୁର ବ୍ଲକରେ ୧୪୪.୮ ମିମି ବର୍ଷା, କୋରାପୁଟ ବ୍ଲକରେ ୧୩୮.୨ ମିମି, ବନ୍ଧୁଗାଁ ବ୍ଲକରେ ୧୩୦ ମିମି, ଲକ୍ଷ୍ମୀପୁର ବ୍ଲକରେ ୧୨୭ ମିମି, ନନ୍ଦପୁର ବ୍ଲକରେ ୧୧୩.୬ ମିମି, ବୋରିଗୁମ୍ମା ବ୍ଲକରେ ୧୦୦.୮ ମିମି, ଲମତାପୁଟ ବ୍ଲକରେ ୯୬ ମିମି, କୁନ୍ଦୁରା ବ୍ଲକରେ ୭୮ ମିମି, ପଟ୍ଟାଙ୍ଗି ବ୍ଲକରେ ୭୦.୩ ମିମି, ନାରାୟଣପାଟଣା ବ୍ଲକରେ ୬୫.୨ ମିମି, କୋଟପାଡ଼ ବ୍ଲକରେ ସର୍ବନିମ୍ନ ୫୭.୨ ମିମି ବର୍ଷା ହୋଇଛି। ସେହିପରି ବୁଧବାର କୋଲାବ ଡ୍ୟାମର ଜଳସ୍ତର ୮୫୦.୮୫ ମିଟର ରହିଥିବାବେଳେ ବିପଦ ସଙ୍କେତ ୮୫୮ ମିଟର ରହିଛି। ଗତ ବର୍ଷ ଏହି ସମୟରେ କୋଲାବ ଡ୍ୟାମର ଜଳସ୍ତର ୮୫୦.୬୮ ମିଟର ରହିଥିଲା।

## ୯ରେ ପାପଡ଼ାହାଣ୍ଡି ଶହୀଦ ସ୍ତମ୍ଭରେ କବିତା ଆସର

ଜୟପୁର,୭।୮(ଡି.ଏନ୍.ଏ.): ସାରା ଭାରତରେ ଆକାଶବାଣୀ ପକ୍ଷରୁ ଜାତୀୟ ପିତା ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜନ୍ମବାର୍ଷିକୀ ଓ ଅଗଷ୍ଟ କ୍ରାନ୍ତି ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି । ଏହି ଅବସରରେ ଜୟପୁର ଆକାଶବାଣୀ କେନ୍ଦ୍ର ପକ୍ଷରୁ ଆସନ୍ତା ୯ ତାରିଖରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିର ତୁରି ନଦୀ ପାର୍ଶ୍ୱରେ ଥିବା ସ୍ୱାଧୀନତା ସଂଗ୍ରାମର ମୁକସାକ୍ଷୀ ଶହୀଦ ସ୍ତମ୍ଭଠାରେ ଏକ କବିତା ଆସର 'କ୍ରାନ୍ତିର ତୂର୍ଯ୍ୟନାଦ' ପୂର୍ବାହ୍ନରେ ଅନୁଷ୍ଠିତ ହେବ । ଏଥିରେ ଅବିଭକ୍ତ କୋରାପୁଟ ଜିଲାର ବଛାବଛା ୧୫ଜଣ କବି ଯୋଗଦେବା ସହିତ ଦେଶାତ୍ମବୋଧକ କବିତା ପାଠ ଓ ଆଲୋଚନା ଅନୁଷ୍ଠିତ ହେବ। ନବରଙ୍ଗପୁର ଜିଲାପାଳ ଅଜିତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି।

## ଲଗାଣ ବର୍ଷାରେ ଭାଙ୍ଗିଲାଣି ୨୦୦ ଘର

ଜୟପୁର,୭।୮(ନି.ପ୍ର.): ୩ ଦିନ ହେବ କୋରାପୁଟ ଜିଲାର ଜୟପୁରରେ ବର୍ଷା ଲାଗିରହିଛି। ଫଳରେ ଜୟପୁର ସହର ସମେତ ଗ୍ରାମାଞ୍ଚଳ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦୋକାନ ବଜାର ପ୍ରାୟ ବନ୍ଦ ରହିଥିବା ବେଳେ ବ୍ୟବସାୟ ମାନ୍ଦା ହେବା ସହ ସାଧାରଣ ଚଳପ୍ରଳ ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଯୋଗୁ ବିଦ୍ୟାଳୟରେ ଉପସ୍ଥାନ ମଧ୍ୟ କମ୍ ରହିଛି। ବର୍ଷା ଯୋଗୁ ୨ ଶହ ଘର ଭାଙ୍ଗିଥିବା ବେଳେ ତଳି ଅଞ୍ଚଳରେ ଘରେ ଘରେ ପାଣି ପଶିଥିବା ଲକ୍ଷ୍ୟ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ ଜୟପୁର ବ୍ଲକରେ ୧୪୪.୮ ମିମି ବର୍ଷା ରେକର୍ଡ଼ ହୋଇଛି।

## ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର,୭।୮(ନି.ପ୍ର.): ଜୟପୁର ଭାଜପା କାର୍ଯ୍ୟାଳୟରେ ପୂର୍ବତନ ବିଦେଶ ମନ୍ତ୍ରୀ ତଥା ଦିବଂଗତ ନେତ୍ରୀ ସୁଷମା ସ୍ୱରାଜଙ୍କୁ ବୁଧବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଜୟପୁର ଭାଜପାର ବରିଷ୍ଠ ନେତା ଦେବେନ୍ଦ୍ର ବାହିନୀପତି, ନଗର ସଭାପତି ଅମର ଲାଲ ଆହୁଜା, ମୀନକେତନ ପରିଚ୍ଛା, ବୈଦ୍ୟନାଥ ମିଶ୍ର, ସାଧୁଚରଣ ଦାଶ ଚୌଧୁରୀ, ରାଧେଶ୍ୟାମ ପରିଡ଼ା, ଚନ୍ଦ୍ରଶେଖର ପଟ୍ଟନାୟକ, ସନ୍ତୋଷ ମହାପାତ୍ର, ବିକାଶ ପାତ୍ର, ବିଷ୍ଣୁପ୍ରିୟା ସାହୁ, ଅହଲ୍ୟା ବିଷୋୟୀ, ଦୁର୍ଗା ଶତପଥୀ, ଦୁର୍ଗା ଦାଶ, ରମେଶ ବିଶୋଇ, ଯମୁନା ସିଂ, ଗଣେଶ ସାହୁ, ସୁଧାଂଶୁ ଜେନା, ମୋହନ ମାଝି, ମୋହନ ଦୋରା, ବିଜୟ ସାହୁଙ୍କ ସମେତ ଅନେକ ଭାଜପା କର୍ମୀଙ୍କ ସହ ସାଧାରଣ ଜନତା ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଘୋଡ଼ାହାଡ଼ ନଦୀରୁ ଯୁବକ ଉଦ୍ଧାର

ହିଞ୍ଜିଳିକାଟୁ,୭।୮(ଡି.ଏନ୍.ଏ.): ହିଞ୍ଜିଳିକାଟୁ ନିକଟ ଘୋଡ଼ାହାଡ଼ ନଦୀ ସ୍ରୋତରେ ବୁଧବାର ମଧ୍ୟାହ୍ନରେ ଭାସି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଦମକଳ ବାହିନୀ ଉଦ୍ଧାର କରିଛି। ଉଦ୍ଧାର ବ୍ୟକ୍ତି ଜଣକ ଜଗନ୍ନାଥପ୍ରସାଦ ଅଞ୍ଚଳର ପୀତବାସ ପ୍ରଧାନ (୪୨)। ଦମକଳ ବାହିନୀ ପହଞ୍ଚି ପୀତବାସଙ୍କୁ ଖଣ୍ଡରା ଗ୍ରାମ ନିକଟରୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଅଚଳାବସ୍ଥା ହଟିବା ନେଇ ଆଶା ସଞ୍ଚାର

ଜୟପୁର,୭।୮(ନି.ପ୍ର.)

**ବିଲ୍ଟ ପେପର ମିଲ୍ ପ୍ରସଙ୍ଗ**

- ମ୍ୟାନେଜମେଣ୍ଟ ସହ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିବେ ରାଜ୍ୟ ସରକାର
- ହଜାର କୋଟି ଟଙ୍କା ଋଣରେ ବୁଡ଼ିଛି କାରଖାନା
- ୫ ହଜାର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ




ଦୀର୍ଘ ୪ ମାସ ହେବ ବନ୍ଦ ହୋଇ ପଡ଼ିଥିବା ଜୟପୁର ସ୍ଥିତ ବିଲ୍ଟ ପେପର ମିଲ୍ ପୁଣିଥରେ ଖୋଲାହେବା ପାଇଁ ଆଶା ସଂଚାର ହୋଇଛି। କାରଖାନା ସମସ୍ୟାର ସମାଧାନ ପାଇଁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିବା ସହ ଏନେଇ ଉଚ୍ଚସ୍ତରୀୟ ଆଲୋଚନା ଦାବି କରିଥିଲେ। ଶିଳ୍ପମନ୍ତ୍ରୀ ମଧ୍ୟ ତାହାକୁ ଗୁରୁତ୍ୱର ସହ ନେଇ ଆଲୋଚନା ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ଭୁବନେଶ୍ୱରରେ ବିଲ୍ଟ ପେପର ମିଲ୍‌କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯିବା ପାଇଁ ସ୍ଥିର ହୋଇଛି। ଏଥିରେ ଶିଳ୍ପ ସଚିବ, ବିଲ୍ଟ ପେପର ମିଲ୍ ଅଧିକାରୀ, ଜୟପୁର ବିଧାୟକ ଉପସ୍ଥିତ ରହିବେ। ଏହି ବୈଠକରେ କାରଖାନାର ଅଚଳାବସ୍ଥା ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଜୟପୁର ସ୍ଥିତ ବିଲ୍ଟ ପେପର ମିଲ୍‌ରେ ୨୦୧୬ରୁ ଏଯାବତ୍ ବିଭିନ୍ନ ସମୟରେ ଅଚଳାବସ୍ଥା ସୃଷ୍ଟି ହୋଇଆସୁଛି। ବର୍ତ୍ତମାନ ମିଲ ଉପରେ ୪୫ କୋଟିରୁ ଅଧିକ ବିଜୁଳି କର, ୬୨୩ କୋଟିରୁ ଅଧିକ ଜଳକର, କର୍ମଚାରୀଙ୍କ ବକେୟା ଦରମା, କଞ୍ଚାମାଲ ଓ କେମିକାଲ ବାବଦୀୟ ବକେୟା ସହ ମିଲ୍ କର୍ତ୍ତୃପକ୍ଷ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ଓ ବ୍ୟାଙ୍କଠାରୁ କରିଥିବା ଋଣକୁ ମିଶାଇ ପାଖାପାଖି ହଜାର କୋଟି ଟଙ୍କା ଋଣରେ ବୁଡ଼ିଛି କାରଖାନା। ତେଣୁ ବର୍ତ୍ତମାନ ଏହି ମିଲ୍‌ର ଭବିଷ୍ୟତ ନେଇ କର୍ମଚାରୀମାନେ ସନ୍ଦିହାନ ହୋଇପଡ଼ିଛନ୍ତି। ଏହି ମିଲ୍ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ଏମାନଙ୍କ ଜୀବନ ଜୀବିକା ଏବେ ସଙ୍କଟ ଦେଇ ଗତି କରୁଛି । ଗତ ଏପ୍ରିଲରୁ ଶ୍ରମିକଙ୍କୁ ଦରମା ମିଳିନାହିଁ। ଓଭର ଟାଇମ କାମ କରୁଥିବା ଶ୍ରମିକଙ୍କୁ ମଧ୍ୟ ୪ ମାସ ହେବ ପାଉଣା ମିଳିନାହିଁ। ଏଥିପାଇଁ ଗତ ଏପ୍ରିଲରେ ମିଲ୍‌ର ୪ଟି ସ୍ଥାୟୀ ୟୁନିୟନ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତତ୍କାଳୀନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ୟାର ଗମ୍ଭୀରତାକୁ ଦେଖି ୬ ମେ'ରେ ବିଲ୍ଟ କର୍ତ୍ତୃପକ୍ଷ, ଜିଲା ଶ୍ରମ ଅଧିକାରୀ, ଶ୍ରମିକ ପ୍ରତିନିଧିଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ମିଲ୍ ପ୍ରତି ମାସରେ କ୍ଷତି ସହୁଥିବା ଓ ରାଜ୍ୟ ସରକାର ୨୦୧୭ରେ କାରଖାନା ଚଳାଇବା ପାଇଁ କମ୍ପାନିକୁ କେତେକ କ୍ଷେତ୍ରରେ ରିହାତି ପାଇଁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିନଥିବା କମ୍ପାନି କର୍ତ୍ତୃପକ୍ଷ ବୈଠକରେ କହିଥିଲେ। କୋଇଲା ଓ କଞ୍ଚାମାଲ ମିଳୁନାହିଁ । ପୁରୁଣା ଯନ୍ତ୍ରପାତି ବଦଳାଇବା ପାଇଁ ପାଣ୍ଠିର ଆବଶ୍ୟକତା ଥିବାବେଳେ ରାଜ୍ୟ ସରକାରଙ୍କ ସହାୟତା ଲୋଡ଼ିଥିଲେ କାରଖାନା କର୍ତ୍ତୃପକ୍ଷ। କୋରାପୁଟ ଜିଲାର ଏକମାତ୍ର ବଡ଼ ଶିଳ୍ପରେ ଅଚଳାବସ୍ଥା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହା ଉପରେ ନିର୍ଭର କରୁଥିବା ୫ ହଜାର ଲୋକଙ୍କ ପେଟପାଟଣା ବନ୍ଦ ରହିଛି।

### ୟୁନିଟ୍ ହେଡ୍‌ଙ୍କୁ ଭେଟିଲେ ୟୁନିୟନ କର୍ମକର୍ତ୍ତା

ବିଲ୍ଟ ପେପର ମିଲ୍‌ରେ ଅଚଳାବସ୍ଥା ଜାରି ରହିଥିବା ବେଳେ ଇତି ମଧ୍ୟରେ ନୂତନ ୟୁନିଟ୍ ହେଡ୍ ଭାବେ ଏସ୍.ଏସ୍. ପାଲ ଦାୟିତ୍ୱ ନେଇଛନ୍ତି। ୨୦୦୪ରେ ମଧ୍ୟ ସେ ଏଠାରେ ୟୁନିଟ୍ ହେଡ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ପାଲ୍ ଦାୟିତ୍ୱ ନେବା ପରେ ୪ଟି ୟୁନିୟନର କର୍ମକର୍ତ୍ତା ତାଙ୍କୁ ଭେଟିଛନ୍ତି। ସାକ୍ଷାତ ବେଳେ ପାଲ୍ ସୂଚନା ଦେଇଥିଲେ ଯେ, ପାଇପ୍ ଲାଇନ, ବଏଲର କାର୍ଯ୍ୟ, ପଲ୍‌ପ ମିଲ୍ ଭଳି କାର୍ଯ୍ୟ ରହିଛି। ସରକାର କିଛି ସହଯୋଗ କରିଥିଲେ ମିଲ୍ ଚାଲିବାରେ ସହଜ ହୋଇପାରନ୍ତା। ପାଲ୍‌ଙ୍କୁ ସଂଘର ପ୍ରମୋଦ ମହାନ୍ତି, ଜୟନ୍ତ ସାନ୍ତ୍ରା, ବିଦ୍ୟା ଜେନାମଣି, ସୁଦର୍ଶନ ବିଷୋୟୀ ଭେଟି ଆଲୋଚନା କରିଥିଲେ।ନିର୍ବାଚନୀ ବ୍ୟାନର ପୋଷ୍ଟର ମାରିବା କିମ୍ବା ଧର୍ମକୁ ନେଇ ଆକ୍ଷେପ କରାଯାଇ ପାରିବ ନାହିଁ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଜଣାଇ ଦେଇଛନ୍ତି।

## ଯୋଗଦେଲେ ନୂତନ ଜିଲାପାଳ

**କୋରାପୁଟରେ ଗମନାଗମନ, ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା**

କୋରାପୁଟ,୭।୮(ସ୍ୱ.ପ୍ର.)



କୋରାପୁଟ ଜିଲାର ନୂତନ ଜିଲାପାଳ ଭାବେ ମଧୁସୂଦନ ମିଶ୍ର ବୁଧବାର ମଧ୍ୟାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ଜିଲାର ଗମନାଗମନ ଓ ସ୍ୱାସ୍ଥ୍ୟସେବାର ଉନ୍ନତି ଦିଗକୁ ସେ ପ୍ରାଥମିକତା ଦେବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି। ସେହିପରି ଜିଲାର କୋଡିଙ୍ଗାମାଳି ଖଣି ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀଙ୍କ କିପରି ଉନ୍ନତି ଘଟିବ, ସେଥିପ୍ରତି ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ବର୍ତ୍ତମାନ କୋରାପୁଟ ଜିଲା ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଅବସ୍ଥା ଭଲ ନାହିଁ । ନୂଆ ଜିଲାପାଳ ନିଜେ ମଙ୍ଗଳବାର ଅପରାହ୍ନରେ ଆସିବା ବେଳେ ପଟ୍ଟାଙ୍ଗି ବ୍ଲକର କୁନ୍ଦୁଲି ନିକଟରେ ତାଙ୍କ ଗାଡ଼ି ଖାଲରେ ପଡ଼ିବାରୁ ଉଭୟ ଚକ ପଙ୍କଚର ହୋଇ ତାଙ୍କୁ ଅସୁବିଧା ଭୋଗିବାକୁ ପଡ଼ିଥିଲା। ଏହି ରାସ୍ତାର କିପରି ଉନ୍ନତି ହେବ, ସେ ନେଇ ପଦକ୍ଷେପ ନେବା ସହ କୋରାପୁଟ ବାଇପାସ ରାସ୍ତା ନିର୍ମାଣ ପାଇଁ ସେ ଧ୍ୟାନଦେବେ ବୋଲି କହିଛନ୍ତି। ପୂର୍ବରୁ ଥିବା ଜିଲାପାଳ ପୋମା ଟୁଡୁଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଓ କୋରାପୁଟ ଟ୍ରେଜେରୀ ଅଧିକାରୀ ଉପସ୍ଥିତ ଥିଲେ ।

## ମେଗା ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି

ଦାମନଯୋଡ଼ି,୭।୮(ଡି.ଏନ୍.ଏ.)

ଦାମନଯୋଡ଼ି ଆମ୍ବେଦକର ଷ୍ଟାଡିୟମ ଓ ନେତାଜୀ ଷ୍ଟାଡିୟମଠାରେ ନାଲ୍‌କୋ କମ୍ୟୁନିଟି ସେଣ୍ଟର ଏବଂ ନାଲ୍‌କୋ ସ୍ପୋର୍ଟସ ସେଲ୍ ପକ୍ଷରୁ ମେଗା ଫୁଟବଲ ଟୁର୍ନାମେଣ୍ଟ ହେବ। ଏଥିପାଇଁ କମ୍ୟୁନିଟି ସେଣ୍ଟରରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ୨୩ତମ ଇଣ୍ଡିପେଣ୍ଡେଣ୍ଟ ଫୁଟବଲ ଟୁର୍ନାମେଣ୍ଟ ପାଇଁ ୧୧୦ଟି ଦଳ ଭାଗ ନେଉଛନ୍ତି। ଏଥିରେ ଦାମନଯୋଡ଼ି, ପଟ୍ଟାଙ୍ଗି, ସେମିଳିଗୁଡ଼ା, ସୁନାବେଡ଼ା, କୋରାପୁଟ, ଲକ୍ଷ୍ମୀପୁର ଓ କାକିରିଗୁମ୍ମାରୁ ଟିମ୍ ନାମ ପଞ୍ଜିକରଣ କରିଛନ୍ତି। ନାଲକୋ କମ୍ୟୁନିଟି ସେଣ୍ଟର ସମ୍ପାଦକ ମନୋଜ କୁମାର ପୃଷ୍ଟି, ଖେଳ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ଆଶାନନ୍ଦ ଖୋସଲା, ଲଟ ମାଳି, ମହେଶ୍ୱର ସେଠୀ, ଏସ୍.କେ. ସୌକତଅଲ୍ଲୀ, ଶଙ୍କର ଲାକ୍ରା, ରାଜେଶ ପାତ୍ର, ଗୁରୁଚରଣ ଟାକ୍ରି, ପ୍ରତାପ ଟାକ୍ରି, ସଞ୍ଜୟ ସାହୁ, ଶୁକଦେବ ପଟ୍ଟାୟତ, ଖେଳ ଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଏମ୍.ଡି. ପ୍ରଧାନ, ତ୍ରିନାଥ ମାଳି ଯୋଗ ଦେଇଥିଲେ। ଅଗଷ୍ଟ ୧୧ ଓ ୧୮ ତାରିଖ ଟୁର୍ନାମେଣ୍ଟ ହେବ।

## ମାଛକୁଣ୍ଡ ଡି ଡ୍ୟାମ୍‌ର ୩ ଗେଟ୍ ଖୋଲିଲା

କୋରାପୁଟ/ଅନକାଡେଲି, ୭।୮(ସ୍ୱ.ପ୍ର.)

କୋରାପୁଟ ଜିଲାରେ କିଛି ଦିନ ହେଲା ପ୍ରବଳ ବର୍ଷା ଚାଲିଥିବାବେଳେ ବୁଧବାର ପୁଣି ଚଳିତ ବର୍ଷ ତୃତୀୟ ଥର ପାଇଁ ଜିଲାର ଅନକାଡେଲି ସ୍ଥିତ ମାଛକୁଣ୍ଡ ଡି ଡ୍ୟାମର ୩ଟି ଗେଟ୍ ଖୋଲାଯାଇ ବର୍ଷା ଜଳ ନିଷ୍କାସନ କରାଯାଉଛି । ବୁଧବାର ସକାଳୁ ଡି ଡ୍ୟାମର ୭ ଓ ୮ ନମ୍ବର ଗେଟ ୨ ଫୁଟ ଲେଖାଏଁ ଖୋଲାଯାଇଥିବାବେଳେ ମଧ୍ୟାହ୍ନ ୧୧ଟାବେଳେ ଡି (ଡାଇଭର୍ସନ) ଡ୍ୟାମର ୬ ନମ୍ବର ଗେଟ ୧ ଫୁଟ ବ୍ୟବଧାନରେ ଖୋଲାଯାଇ ଜଳ ନିଷ୍କାସନ ହେଉଛି । ଏହି ୩ଟି ଗେଟ୍ ଦେଇ ଘଣ୍ଟା ପ୍ରତି ୫ ହଜାର କ୍ୟୁସେକ ବର୍ଷାଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ଡି ଡ୍ୟାମରେ ୮୮.୪ ଫୁଟ ଜଳସ୍ତର ରହିଛି । ଡି ଡ୍ୟାମର ବିପଦ ସଙ୍କେତ ରହିଛି ୯୦ ଫୁଟ। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ହେଲା କୋରାପୁଟ ଜିଲାରେ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ଜିଲାର କୋଲାବ, ମାଛକୁଣ୍ଡ ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇଛି । ସେହିପରି ପ୍ରବଳ ବର୍ଷା ଯୋଗୁ ଜିଲାର ୧୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ବହୁ ପୁରୁଣା ଗଛଗୁଡ଼ିକ ଉପୁଡ଼ି ପଡ଼ିଛି।



### ତେଲେଙ୍ଗିର ଡ୍ୟାମ୍‌ରୁ ଖୋଲିଲା ୨ ଗେଟ୍

ଲଘୁଚାପ ଯୋଗୁ କୋରାପୁଟ ଜିଲାରେ ଅତି ପ୍ରବଳ ବର୍ଷା ଜାରି ରହିଥିବାବେଳେ ଜଳସ୍ତର ବୃଦ୍ଧି ଯୋଗୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ତେଲେଙ୍ଗିର ଡ୍ୟାମର ଦୁଇଟି ଗେଟ୍ ଖୋଲାଯାଇଛି। ତେବେ ଏହି ପାଣି କେନାଲ ଯୋଗେ ବୋରିଗୁମ୍ମା ଓ ଜୟପୁର ବ୍ଲକର ଅନେକ ଅଞ୍ଚଳକୁ ବହିଯିବାର ସମ୍ଭାବନା ଥିବାବେଳେ ଜଳର ପରିମାଣ କମ୍ ଥିବାରୁ ଆତଙ୍କିତ ହେବାର କୌଣସି କାରଣ ନଥିବା ଜିଲା ଜରୁରୀ ବିଭାଗର ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରକାଶ କରିଛନ୍ତି।



ପଟ୍ଟାଙ୍ଗୀ ବ୍ଲକ ଗାଙ୍ଗରାଜପୁର ପଞ୍ଚାୟତ ଚିନ୍ତାଲଗୁଡା ଗ୍ରାମର ରେଙ୍ଗାବୋଇ ପୋଲୟାଙ୍କ ଘର ଲଗାଣ ବର୍ଷାରେ ଭାଙ୍ଗିଯାଇଛି।

## ଏକ୍ସ୍‌ୟୁଭିକୁ ଧକ୍କାଦେଲା ଟ୍ରକ୍, ମହିଳା ଗୁରୁତର

ପଟ୍ଟାଙ୍ଗି/ସେମିଳିଗୁଡ଼ା, ୭।୮(ଡି.ଏନ୍.ଏ./ସ୍ୱ.ପ୍ର.)

**ନୂଆଗାଡ଼ି ପୂଜା ପାଇଁ ପରିବାର ସହ ମନ୍ଦିର ଯିବାବେଳେ ଦୁର୍ଘଟଣା**



ଦୁର୍ଘଟଣାଗ୍ରସ୍ତ ଏକ୍ସ୍‌ୟୁଭି କାର ଓ ଟ୍ରକ।

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ତଥା ସେମିଳିଗୁଡ଼ା ଥାନା ସୀମାନ୍ତ ସୁଣ୍ଡିପୁଙ୍ଗାର ଗ୍ରାମ ନିକଟରେ ବୁଧବାର ଏକ ଟ୍ରକ୍ ସହ ମହିନ୍ଦ୍ରା ଏକ୍ସ୍‌ୟୁଭି କାର୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କାର୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ସହ କାର ଚାଳକଙ୍କ ମା' ଗୁରୁତର ଆହତ ହୋଇଛନ୍ତି। କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବ୍ଲକ ପୁକାଲି ପଞ୍ଚାୟତ ସଦରର ଟି.ପି. ପ୍ରସାଦ ରାଜୁ ମଙ୍ଗଳବାର ମହିନ୍ଦ୍ରା ଏକ୍ସ୍‌ୟୁଭି (ଓଡି୧୫ ଏ ୪୧୧୧) ଗାଡ଼ି କିଣିଥିଲେ। ବୁଧବାର ମା' ଟି.ପି. ଲୋକେଶ୍ୱରୀ ରାଜୁ, ଭାଉଜ ଟି.ପି. କଳ୍ପନା ରାଜୁ ଏବଂ ଝିଆରୀ ଟି.ପି. ଲକ୍ଷ୍ମୀପ୍ରିୟା ରାଜୁଙ୍କୁ ନେଇ ସେ ନୂଆଗାଡ଼ିରେ ପୂଜାର୍ଚ୍ଚନା ପାଇଁ ଦାମନଯୋଡ଼ି ସ୍ଥିତ ମା' କଣ୍ଟା ବାଉଁଶୁଣି ମନ୍ଦିରକୁ ଯାଉଥିଲେ। ବାଟରେ ବିପରୀତ ଦିଗରୁ ଆନ୍ଧ୍ର ଯାଉଥିବା ଏକ ଟ୍ରକ (ଏପି୩୫ ଏକ୍ସ ୪୦୫୯) ସହ ଏକ୍ସ୍‌ୟୁଭିର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ କାର୍ ଚଳାଉଥିବା ପ୍ରସାଦଙ୍କ ମା' ଲୋକେଶ୍ୱରୀ ରାଜୁ ଗୁରୁତର ଆହତ ହୋଇଥିଲେ। କାର୍‌କୁ ଧକ୍କା ଟ୍ରକ୍ ରାସ୍ତାପାଖ ଚାଷଜମି ଆଡ଼କୁ ମାଡ଼ିଯାଇଥିବା ବେଳେ ଏକ୍ସ୍‌ୟୁଭି ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଚାଷଜମିରେ କାମ କରୁଥିବା ସୁଣ୍ଡିପୁଙ୍ଗାର ଗ୍ରାମବାସୀ କାର୍ ଭିତରୁ ଆହତ ମହିଳାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଖବର ପାଇ ପଟ୍ଟାଙ୍ଗି ଥାନା ଦାୟିତ୍ୱରେ ରହିଥିବା ଏସ୍‌ଆଇ ବିନୟ ରୟ, ଏଏସ୍‌ଆଇ ଅନିମେଷ ମାଳି ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିର କାଗଜପତ୍ର ଜବତ କରି ତଦନ୍ତ ଚଳାଇଛନ୍ତି।

# ଗ୍ରାମାଞ୍ଚଳରେ ଭାଲୁ ଆତଙ୍କ, ବନ ବିଭାଗ ଚୁପ୍

କୁନ୍ଦୁରା/ଜୟପୁର,୭।୮(ଡି.ଏନ୍.ଏ.)

କୁନ୍ଦୁରା ବନଖଣ୍ଡ ଅଧୀନରେ କୁନ୍ଦୁରା ମଣ୍ଡଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଏବଂ ଅଧିକ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ରାସ୍ତାପାର୍ଶ୍ୱକୁ ଲାଗିରହିଥିବା ବେଳେ ଭାଲୁପଲ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶିଆସୁଛନ୍ତି। କେବେ କାହାର ଘର ପାଖରେ ରହିଥିବା ପଣସ ଗଛରେ ଚଢ଼ି ପଣସ ଖାଇବାରେ ବ୍ୟସ୍ତ ତ କେତେବେଳେ ଘର ବାହାରେ ରଖାଯାଇଥିବା ପେଜହାଣ୍ଡିରେ ମୁହଁ ମାରୁଛନ୍ତି। ୨୦ ବର୍ଷ ତଳର ଘଞ୍ଚ ଜଙ୍ଗଲକୁ ମାଫିଆମାନେ କାଟି ନେଉଥିବା ବେଳେ ବିରାଟକାୟ ମୂଲ୍ୟବାନ ଗଛ ସରିଯାଉଥିବା ବେଳେ ହିଂସ୍ରଜନ୍ତୁ ବର୍ତ୍ତମାନ ଗାଁମୁହାଁ ହେବାରେ ଲାଗିଛନ୍ତି। କେତେବେଳେ ଲୋକେ ଶୌଚ କରୁଥିବା ସମୟରେ ଭାଲୁ ଆକ୍ରମଣର ଶିକାର ହେଉଛନ୍ତି ତ ଅନ୍ୟ କିଏ ପୋଖରୀରୁ ଗାଧୋଇ ଫେରୁଥିବା ବେଳେ ଭାଲୁ ହାବୁଡ଼ରେ ପଡୁଛନ୍ତି। କୁନ୍ଦୁରା ବ୍ଲକର ବିଭିନ୍ନ ଅଞ୍ଚଳରେ ଭାଲୁ ଆକ୍ରମଣରେ କେତେକ ଲୋକ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ଭାବେ ଭାଲୁ ଖାଦ୍ୟ ଅନ୍ୱେଷଣରେ ବାହାରି ଆକ୍ରମଣର ଶିକାର ହେବା ସହ ମୃତଦେହ ନଦୀରେ ଭାସୁଥିବା ପୂର୍ବରୁ ଦେଖିବାକୁ ମିଳିଛି। ଆଶ୍ଚର୍ଯ୍ୟ କଥା ଭାଲୁ ଜଙ୍ଗଲରେ ପ୍ରସବ କରିବା ସୁରକ୍ଷିତ ମନେ ନକରି ଚାଷଜମିରେ ଛୁଆଜନ୍ମ କରୁଥିବା ବେଳେ ବନ ବିଭାଗ ସୁରକ୍ଷା ଦେଇପାରୁ ନାହିଁ।



### ଶ୍ରମିକଙ୍କୁ ମିଳିଲା ସରକାରୀ ପ୍ରାପ୍ୟ ୨୮୦ ଟଙ୍କା

ଚାରାରୋପଣ କାର୍ଯ୍ୟରେ ବନ ବିଭାଗ ଶ୍ରମିକଙ୍କ ଟଙ୍କା ହଡ଼ପ କରିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ କୁନ୍ଦୁରା ମଣ୍ଡଳ ଦାୟିତ୍ୱରେ ଥିବା ଫରେଷ୍ଟର ଅଣକୁଶଳୀ ଶ୍ରମିକଙ୍କୁ ଡାକି ବଳକା ପ୍ରାପ୍ୟ ଦେଇଥିବା ଶ୍ରମିକ ଭଗବାନ ଜାନି, ମନୋହର ଭତ୍ରା, ମିଶ୍ର ପରଜା, ଅଭିମନ୍ୟୁ ଭତ୍ରା ଓ ବିଶ୍ୱନାଥ ଭତ୍ରା କହିଛନ୍ତି। ଗ୍ରୀଷ୍ମଋତୁରେ ଜଙ୍ଗଲରେ ନିଆଁ ଲାଗିଲେ ପାଟ୍ରୋଲିଂ ବେଳେ ନିଆଁ ଲିଭାଳିଙ୍କୁ ମଧ୍ୟ କମ୍ ପ୍ରାପ୍ୟ ଦେଇ ଚୁପ୍ ରହିଥିବା ଫରେଷ୍ଟର ଜଣକ ଖବର ପ୍ରକାଶ ପରେ ବଳକା ପ୍ରାପ୍ୟ ଫେରାଇଥିବା ଫାୟାର ସ୍କ୍ୱାଡ୍‌ର ଜଣେ ନିଆଁ ଲିଭାଳି ସରଧାପୁର ଗ୍ରାମର ଅଭିମନ୍ୟୁ ଭତ୍ରା ୧୦/୧୨ ଦିନ ହେବ ପାଇଥିବା କହିଛନ୍ତି।

### ରହୁନାହାନ୍ତି ଫରେଷ୍ଟର, କ୍ୱାର୍ଟରରେ ଝୁଲୁଛି ତାଲା

ସରକାରୀ ଚାକିରିଆ ସଦର ମହକୁମାରେ ରହିବା ଜରୁରୀ। କିନ୍ତୁ କୁନ୍ଦୁରା ଉପକଣ୍ଠ କାଳିଆକାଦଠାରେ ନିର୍ମିତ ବନ ବିଭାଗ କ୍ୱାର୍ଟରରେ କୁନ୍ଦୁରା ମଣ୍ଡଳ ଫରେଷ୍ଟର ରହୁନାହାନ୍ତି। ସେଠାରେ ରହିଥିବା ନବନିର୍ମିତ କ୍ୱାର୍ଟରରେ ତାଲା ଝୁଲୁଛି। କୁନ୍ଦୁରା ବନ ବିଭାଗ ମଣ୍ଡଳ ଦାୟିତ୍ୱରେ ରହିଥିବା ଫରେଷ୍ଟର ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ନିଯୁକ୍ତ ହୋଇଥିଲେ ମଧ୍ୟ ସେ ଜୟପୁର ବନ ବିଭାଗ ଅଧୀନରେ ରହିଥିବା ଏକ କ୍ୱାର୍ଟରରେ ରହୁଥିବା ଜଣାପଡ଼ିଛି। ବାଗଦେରୀ ମଣ୍ଡଳ ଦାୟିତ୍ୱରେ ଥିବା ଫରେଷ୍ଟର ମଧ୍ୟ କୋରାପୁଟରେ ରହୁଛନ୍ତି। ୨ ବର୍ଷ ହେବ ଅବସର ନେଇଥିବା ଜଣେ ବନ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ବରାଡ଼ ପୁରୁଣା ରେଞ୍ଜ କାର୍ଯ୍ୟାଳୟରେ ଥିବା ଏକ କ୍ୱାର୍ଟର ଅକ୍ତିଆର କରି ରହୁଥିବା ବେଳେ ବନ ବିଭାଗର ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଉପରୋକ୍ତ ସବୁ ପ୍ରସଙ୍ଗରେ ଜୟପୁର ଡିଏଫ୍‌ଓ ଅଶ୍ୱିନୀ କରଙ୍କୁ ପଚରାଯିବାରୁ ସେ କହିଛନ୍ତି, ଭାଲୁ ଗାଁମୁହାଁ ହେଉଥିବା ଖବର ମୋ' ନିକଟରେ ନାହିଁ। ଦ୍ୱିତୀୟରେ ପୂର୍ଣ୍ଣଚନ୍ଦ୍ର ବରାଡ଼ ଅବସର ବନ କର୍ମଚାରୀ କଥା ପଚାରାଯିବାରୁ କହିଛନ୍ତି ଯେ ତାଙ୍କୁ କାଜୁଆଲିଟି ଭାବେ ରଖାଯାଇଛି। କିନ୍ତୁ ପ୍ରଶ୍ନ ଉଠୁଛି ଯେ ବନ ବିଭାଗ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ ରଖିବା କଥା। କୁନ୍ଦୁରା ଫରେଷ୍ଟରଙ୍କ କ୍ୱାର୍ଟରରେ ନ ରହିବା କଥା ପଚାରିବାରୁ ତାଙ୍କୁ ଏଡ଼ାଇଯାଇ ଡିଏଫ୍‌ଓ କହିଥିଲେ ଯେ ସେ ଜୟପୁର କ୍ୱାର୍ଟରରେ ନାହାନ୍ତି ଭଡ଼ାଘରେ ରହୁଛନ୍ତି।

## ସଂକ୍ଷେପରେ

### ବର୍ଷାରେ ଘର ଭାଙ୍ଗିଲା



**ଚନ୍ଦାହାଣ୍ଡି,୭।୮(ଡି.ଏନ.ଏ)-** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ସଦର ମହକୁମାର ଲକ୍ଷ୍ମୀ ହରିଜନଙ୍କ ଘର ଲଘୁଚାପ ବର୍ଷାରେ ଭାଙ୍ଗିଯାଇଛି। ପଞ୍ଚାୟତ ମୁଖ୍ୟାଳୟର ମାତ୍ର ୧୦୦ ମିଟର ଦୂରରେ ଥିବା ଏହି ପରିବାରର ଘର ଭାଙ୍ଗିଯାଇ ଥିଲେ ମଧ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନର ନଜର ପଡିନ ଥିବା ଲକ୍ଷ୍ମୀ କହିଛନ୍ତି। ଲକ୍ଷ୍ମୀଙ୍କ ସ୍ୱାମୀ ଦୀର୍ଘ ବର୍ଷ ତଳେ ପରଲୋକ ହୋଇଯାଇଛି। ବହୁ କଷ୍ଟରେ ଗୋଟିଏ ପୁଅ ଏବଂ ୨ ଝିଅ ସହ ଚାରି ପ୍ରାଣୀ ରହୁଛନ୍ତି। ଟଙ୍କା ଅଭାବରୁ ପିଲାମାନଙ୍କ ଉଚ୍ଚ ଶିକ୍ଷା ବନ୍ଦ ରହିଛି। ମାସକୁ ୫୦୦ ଟଙ୍କା ବିଧବା ଭତ୍ତା ଏବଂ ୨୦ କେଜି ଚାଉଳରେ ସେ ପରିବାର ଚଳାଉଛନ୍ତି। ପଞ୍ଚାୟତରେ ବହୁବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା କହିଛନ୍ତି। ଏ ସମ୍ପର୍କରେ ଚନ୍ଦାହାଣ୍ଡି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ପଚାରିବାରୁ ସେ କହିଥିଲେ ଯେ ନିଜେ ଯାଇ ଲକ୍ଷ୍ମୀ ହରିଜନଙ୍କ ଅବସ୍ଥା ପଚାରି ବୁଝିବି ସରକାରଙ୍କ ପକ୍ଷରୁ ଯାହା ସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

### ସ୍କୁଲ ରୋଷେଇ ଘର ଭାଙ୍ଗିଲା



**ତେନ୍ତୁଲିଖୁଣ୍ଟି,୭।୮(ଡି.ଏନ.ଏ)-** ବର୍ଷାରେ ତେନ୍ତୁଲିଖୁଣ୍ଟି ବ୍ଲକ ସଦର ମହକୁମା ସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ରୋଷେଇ ଗୃହର ଗୋଟିଏ କାନ୍ଥ ବୁଧବାର ଭାଙ୍ଗିଯାଇଛି। ତେବେ ମଧାହ୍ନ ଭୋଜନ ରୋଷେଇ ପରେ କାନ୍ଥ ଭାଙ୍ଗିଥିବା ଯୋଗୁ କୌଣସି କ୍ଷତି ଘଟି ନାହିଁ। ଖବର ପାଇ ବିଡିଓ ଅକ୍ଷମିତ କାର୍ତ୍ତିକ, ବ୍ଲକ ଅଧକ୍ଷା ଦେବକୀ ନାୟକ ପହଞ୍ଚିଥିଲେ।

■ ପଢିବା ପାଇଁ ପାରି ହେବାକୁ ପଡୁଛି ନାରମୁଣ୍ଡା ନାଳ

# ଜୀବନକୁ ବାଜି ଲଗାଇ ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର

**ଝରିଗାଁ,୭।୮(ସ୍ୱ.ପ୍ର)**

ପାଠ ପଢିବାକୁ ରହିଛି ପ୍ରବଳ ଇଚ୍ଛାଶକ୍ତି। କିନ୍ତୁ ସ୍କୁଲକୁ ଯିବା ପାଇଁ ରାସ୍ତା ନାହିଁ। ସ୍କୁଲ ଯିବାକୁ ହେଲେ ନାରମୁଣ୍ଡା ନାଳ ପାର ହେବାକୁ ପଡିଥାଏ। ବର୍ଷା ଦିନେ କିନ୍ତୁ ଏହା ସ୍କୁଲ ଯିବାରେ ବାଧକ ସାଜିଥାଏ। ଫଳରେ ପିଲାମାନେ ନିୟମିତ ସ୍କୁଲକୁ ଯାଇ ପାରି ନ ଥାନ୍ତି। ବର୍ଷା ହେଲା ମାତ୍ରେ କିପରି ନାଳ ପାର ହୋଇ ସ୍କୁଲକୁ ଯିବେ ସେହି ଚିନ୍ତା ଘାରିଥାଏ ଅଭିଭାବକଙ୍କ ସମେତ ପିଲାମାନଙ୍କୁ। ଏପରିକି ମନରେ ଭୟ ଜାତ ହୋଇଥାଏ।ତଥାପି ବାଧ୍ୟ ହୋଇ ନିଜ ଜୀବନକୁ ବାଜି ଲଗାଇ ନାରମୁଣ୍ଡା ନାଳ ପାର ହୋଇ ସ୍କୁଲ ଯାଇଥାନ୍ତି ପିଲାମାନେ। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ବେଲଝରୀ ଗ୍ରାମରେ ଏହା ଦେଖିବାକୁ ମିଳିଛି। ପାଲିଆ ପଞ୍ଚାୟତର ନାଳମୁଣ୍ଡା ନାଳର ଉଭୟ ପାର୍ଶ୍ୱରେ ୨ଟି ସ୍କୁଲ ରହିଛି। ବେଲଝରୀ ପ୍ରାଥମିକ ବିଦ୍ୟାଳୟ ଓ ରାମସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ବେଲଝରୀ ଗ୍ରାମର ପିଲାମାନେ ରାମସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବାକୁ ଯାଇଥାନ୍ତି। ସେହିପରି ନାଳ ଆରପଟେ ରହିଥିବା ମିରଧାନଗୁଡା ଏବଂ ବାଘଗୁଡା ଗ୍ରାମର ପିଲାମାନେ ବେଲଝରୀ ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଆସିଥାନ୍ତି। ବର୍ଷା ହେଲା ମାତ୍ରେ ଅଭିଭାବକମାନଙ୍କୁ ଚିନ୍ତା ଘାରିଥାଏ। ପିଲାମାନେ ସ୍କୁଲ ଛୁଟି ହେଲେ କେତେବେଳେ ଘରକୁ ପହଞ୍ଚିବେ ସେହି ଅପେକ୍ଷାରେ ମାଆବାପା ରହିଥାନ୍ତି। ନାଳ ପାରି ହେବା ସମୟରେ ପ୍ରତି ମୂହୁର୍ତ୍ତରେ ବିପଦ ରହିଛି ବୋଲି ଛାତ୍ରୀ ଆସମତୀ ଗୌଡ, ସବିତା ଗୌଡ, ଗୋମତୀ ଜାନୀ, ହୀରାମଣି ଜାନୀ, ଡାଳିମ୍ବ ଜାନୀ, ପଦ୍ମା ଜାନୀ, ଫୁଲମତୀ ଜାନୀ, ଦାମାନୀ ଜାନୀ, ଲକ୍ଷ୍ମୀ ଜାନୀ, ମଙ୍ଗଳଦେଇ ଜାନୀ, ହରିଶଚନ୍ଦ୍ର ଜାନୀ, ବାସନ୍ତି ଜାନୀ, ମୁନି ଜାନୀ ଏବଂ ଛାତ୍ର ଜୟଦେବ ଜାନୀ ପ୍ରମୁଖ ପ୍ରକାଶ କରିଛନ୍ତି। ବର୍ଷା ହେଲା ମାତ୍ରେ ନାରମୁଣ୍ଡା ନାଳରେ ପାଣିର ପ୍ରଖର ଅଧିକ ରହିଥାଏ। ବିଗତ ଦିନରେ ସେହି ନାଳରେ ଜଣେ ବୃଦ୍ଧା ବଡନି ହାଟରୁ ନିଜ ଘରକୁ ଯିବା ପାଇଁ ନାଳ ପାରି ହେବା ସମୟରେ ଭାସି ଯାଇ ମୃତ୍ୟୁ ବରଣ କରିଥିଲେ। ଆଉ କେତେ ଜଣ ଭାସିଯିବା ଅବସ୍ଥାରେ କିଛି ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା। ସେହି ଘଟଣା ପର ଠାରୁ ବର୍ଷା ହେଲା ମାତ୍ରେ ସେହି ନାଳ ପାର ହେବା ସମୟରେ ମନରେ ଭୟ ଜାତ ହେଉଥିବା ବେଲଝରୀ, ମିରଧାନଗୁଡା, ବାଘଗୁଡା, ରାମସା ଗ୍ରାମବାସୀ କହିଛନ୍ତି। ଯାତାୟାତରେ ନାରମୁଣ୍ଡା ନାଳ ଦାଉ ସାଜୁଥିବା ବେଳେ ସ୍ଥାନୀୟ ବ୍ଲକ ପ୍ରଶାସନ ୨୦୧୮-୧୯ ମସିହାରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୨୦ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଏକ ପୋଲ ନିର୍ମାଣ କରାଯିବା ନେଇ ପ୍ରସ୍ତୁତ କରାଯାଇଛି। ବର୍ଷା ଯୋଗୁଁ କାମ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଛି। ଏ ନେଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ବାହାଦୂର ସିଂ ଧରୁଆଙ୍କୁ ପଚାରିବାରୁ ଅର୍ଦ୍ଧ ନିର୍ମିତ ପୋଲର ପାର୍ଶ୍ୱରେ ରହିଥିବା ରାସ୍ତାରେ କିପରି ଛାତ୍ରୀଛାତ୍ର ମାନେ ଆସି ପାରିବେ ସେଥିନେଇ ବ୍ଲକ ପ୍ରଶାସନ ତରଫରୁ ଅତିଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।



ଛାତ୍ରୀଛାତ୍ର ନାଳ ପାର ହୋଇ ସ୍କୁଲକୁ ଯାଉଛନ୍ତି।

### ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ



**ଚନ୍ଦାହାଣ୍ଡି,୭।୮(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ବୁଧବାର ସକାଳୁ ବର୍ଷା ଲାଗି ରହିଛି। ଦିନ ସାରା ପ୍ରବଳ ବର୍ଷା ଲାଗି ରହିଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟା ୫ଟା ସୁଦ୍ଧା ୮୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବ୍ଲକ କାର୍ଯ୍ୟାଳୟରୁ ଜଣାପଡିଛି। ବିଭିନ୍ନ ଗ୍ରାମରେ ଲୋକଙ୍କ ଘରେ ବର୍ଷା ପାଣି ପଶି ଯାଇଛି। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ହୃଦାନନ୍ଦ ସିଂ ମାଝି ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ବେହେରାମୁଣ୍ଡା ଗ୍ରାମର ମୁସଲିମ ସାହିରେ ଜଣଙ୍କ ଘରେ ପାଣି ପଶିଥିବା ବେଳେ ସାହି ବାସିନ୍ଦା ବିଡିଓଙ୍କ ପାଖରେ ଡ୍ରେନ କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି ବର୍ଷାରେ ସରଧାପୁର ପଞ୍ଚାୟତ ଝରାବାହାଲ ଗ୍ରାମର ପ୍ରକାଶ ଜାଲଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡିଛି।

# ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା

**ଉମରକୋଟ, ୭।୮(ଡି.ଏନ.ଏ)**

ଉମରକୋଟ ସ୍ୱାଧୀନତା ଦିବସ କମିଟି ପକ୍ଷରୁ ଉମରକୋଟ ମହିଳା ଉଚ୍ଚ ବିଦ୍ୟାଳୟରେ ଏକ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଶିକ୍ଷକ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏଥିରୁ ସବଜୁନିୟର ସ୍ତରରେ ରୁଦ୍ରପ୍ରତାପ ମହାନ୍ତି ପ୍ରଥମ ସ୍ଥାନ, ୨ୟ ଇଷା କର, ୩ୟ ପ୍ରଜ୍ଞା ପଟ୍ଟନାୟକ ଅଧିକାର କରିଥିଲେ। ସେହିପରି ଜୁନିୟର ସ୍ତରରେ ପ୍ରାଚୀପ୍ରତ୍ୟୁଷା ରଣା, ଦ୍ୱିତୀୟ ଶୁଭମ କିର୍ତ୍ତନିଆ, ୩ୟ ସ୍ଥାନ ଗୌରୀ ଦୁର୍ଗା ଅଧିକାର କରିଥିଲେ। ସେହିପରି ସବଜୁନିୟର ସ୍ତରରେ ପ୍ରଥମ ସ୍ଥାନ ଦିପସିକା ଟାଲି, ୨ୟ ପ୍ରଜ୍ଞା ପ୍ରୟାସ ସ୍ୱାଇଁ,୩ୟ ନିରୁପମା ସାହୁ, ସେହିପରି ସିନିୟର ସ୍ତରରେ ପ୍ରଥମ ଶିବାନୀ ମିଶ୍ର , ୨ୟ ସୋନଜ ମଣ୍ଡଳ ଏବଂ ୩ୟ ସ୍ଥାନ ଲବ ନାୟକ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱାଧୀନତା ଦିବସରେ ମିଳିତ ପରେଡ ପଡିଆରେ ପୁରସ୍କୃତ କରାଯିବ । ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅସୀମ ବିଶ୍ୱାସ ଏହାକୁ ପରିଚାଳନା କରିଥିଲେ। ବିଚାରକ ଭାବେ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତି, ଦମୟନ୍ତୀ ଗଣ୍ଡ, ରଶ୍ମିତା ବିଶୋୟୀ ଏବଂ ଶିକ୍ଷକ ଇନ୍ଦ୍ର ନିଲକର, ପ୍ରକାଶ ରାଓ ଅଶୋକ ରଣା କାର୍ଯ୍ୟ ତୁଲାଇଥିଲେ। ଓକିଲ ରାମ ନାୟକ ଏହି ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତାକୁ ସୁଚାରୁରୂପେ କାର୍ଯ୍ୟକାରୀ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଜଣେ ଛାତ୍ରୀ ସଙ୍ଗୀତ ପରିବେଷଣ କରୁଛନ୍ତି ।

### ୩ ଶିଶୁ ଶ୍ରମିକ ଉଦ୍ଧାର

**ଡାବୁଗାଁ,୭।୮(ଡି.ଏନ.ଏ.)-** ଡାବୁଗାଁରେ ପୋଲିସ ବିଭାଗ ତରଫରୁ ପରୀ-୩ କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଡାବୁଗାଁ ବଜାରରେ ପୋଲିସ ଚଢାଉ କରି ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ନବରଙ୍ଗପୁର ଜିଲା ଆରକ୍ଷୀ ଅଧିକ୍ଷକ ନିତୀନ କୁସାଲକରଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ପୋଲିସ ଡାବୁଗାଁ ବଜାରରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନ ଉପରେ ଚଢାଉ କରି ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ୩ ଜଣ ଶିଶୁ ଶ୍ରମିକଙ୍କୁ ନବରଙ୍ଗପୁର ଶିଶୁ ସୁରକ୍ଷା କମିଟିକୁ ହସ୍ତାନ୍ତର କରାଯାଇଛି। ଆଇଆଇସି ମୁନି ଆଚାରୀଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ରଙ୍କନିଧି ସାହୁ ଓ ଫକୀର ମୋହନ ଖୁରା, ଏଏସଆଇ ଗଣେଶ ଚନ୍ଦ୍ର ପଟ୍ଟନାୟକ ଓ ସଲମନ ଭୂୟାଁ ଓ ପୋଲିସ କର୍ମଚାରୀ ଚଢାଉରେ ସାମିଲ ଥିଲେ।

# ଏଚଆଇଭି ସମ୍ପର୍କିତ ସଚେତନତା



ନବରଙ୍ଗପୁର ଉପକାରାଗାରରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ନବରଙ୍ଗପୁର, ୭।୮(ବି.ପ୍ର.)-** ନବରଙ୍ଗପୁର ଉପକାରାଗାର ପରିସରରେ ସ୍ୱାସ୍ଥ୍ୟ ବିଭାଗର ଆଇସିଟିସି ପକ୍ଷରୁ ଏଚଆଇଭି ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଡାକ୍ତର ଶଙ୍କର ଲାଲ ଜୈନ ଅନ୍ତେବାସୀଙ୍କୁ ସଚେତନ କରାଇବା ସହ ଏ ରୋଗର ଲକ୍ଷଣ ଓ ଚିକିତ୍ସା ଉପରେ ଆଲୋକପାତ କରିଥିଲେ । ଜାତୀୟ ମାନବାଧିକାର ନିୟମାବଳୀ ଅନୁଯାଇ ସଂକ୍ରମଣ ଜନୀତ ରୋଗର ନିରାକରଣ ସମ୍ପର୍କରେ ମଧ ସଚେତନ କରାଇଥିଲେ । ଜେଲରେ ଥିବା ୧୪୩ ଅନ୍ତେବାସୀଙ୍କ ରକ୍ତ ପରୀକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସହାୟକ ଲବ ରାଉତ ଓ ବିନିତା ମନ୍ଦାର ଉପସ୍ଥିତଥିଲେ । ଜେଲ ସୁପରିଟେଣ୍ଡେଣ୍ଟ ସନ୍ତୋଷ କୁମାର ପଟ୍ଟନାୟକ ସମେତ ଜେଲ କର୍ମଚାରୀ ସହଯୋଗ କରିଥିଲେ ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ନବରଙ୍ଗପୁର,୭।୮(ଡି.ଏନ.ଏ)-** ସ୍ଥାନୀୟ ମିଶନ ଶକ୍ତି ଗୃହରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଅଜିତ କୁମାର ମିଶ୍ର ଅଧକ୍ଷତା କରିଥିଲେ। ସଶକ୍ତ ମାତାପିତା, ସକ୍ଷମ ସ୍ତନ୍ୟପାନ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ବିଷୟବସ୍ତୁ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ମାତୃ, ଶିଶୁ ମୃତ୍ୟୁହାର କିଭଳି ରୋକାଯାଇପାରିବ ଏବଂ ଅପପୃଷ୍ଟି ଶିଶୁଙ୍କ କିଭଳି ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଜିଲାପାଳ କହିଥିଲେ। ସ୍ତନ୍ୟପାନ ସମ୍ପର୍କୀତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ତମ ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇ ୧ମ, ୨ୟ ସ୍ଥାନ ପାଇଥିବା ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁରୋଗ ବିଶେଷଜ୍ଞ ବାଳକୃଷ୍ଣ ରଥ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟଗତ ଉନ୍ନତି ଉପରେ ଆଲୋକପାତ କରିଥିଲେ। ସୁକାନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲା ମୁଖ୍ୟଚିକିତ୍ସାଧିକାରୀ, ଜିଲା ପ୍ରକଳ୍ପ ଅଧିକାରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଦଳ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

# ଲଗାଣ ବର୍ଷା: ଯୋଗାଯୋଗ ବିଚ୍ଛିନ୍ନ

**ନବରଙ୍ଗପୁର,୭।୮(ବି.ପ୍ର.)**

ଲଗାଣ ବର୍ଷାରେ ତେନ୍ତୁଲିଖୁଣ୍ଟି ବ୍ଲକର ଅନେକ ରାସ୍ତାଘାଟ ଉପରେ ପାଣି ପ୍ରବାହିତ ହେବା ସହ ପୋଲ ଭୁଶୁଡି ଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । କାମତା ଗାଁରୁ କୁଶନଗୁଡା ରାସ୍ତାରେ ପୋଲ ଭାଙ୍ଗି ଯିବାରୁ ପାପଡାହାଣ୍ଡି ଓ ତେନ୍ତୁଲିଖୁଣ୍ଟି ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିଭଳି ଦୁଖୁଗୁଡା ଗାଁରୁ କଂଗ୍ରୋ ଗାଁକୁ ସଂଯୋଗ କରୁଥିବା ରାସ୍ତାର ମଧ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏହା ଦ୍ୱାରା ନବରଙ୍ଗପୁର, ପାପଡାହାଣ୍ଡି ଓ ତେନ୍ତୁଲିଖୁଣ୍ଟି ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିପରି ଝରିଗୁମ୍ମା ଗାଁ ନିକଟ ପୋଖରୀ ପାଣି ବ୍ରାହ୍ମଣ ସାହି ଭିତରକୁ ପ୍ରବେଶ କରୁଛି । ଅମଳଭଟାରୁ କାମତା ରାସ୍ତାର ଭାଲୁପଡା ରାସ୍ତାରେ ୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ସେହିଭଳି ଅଞ୍ଚଳଗୁମ୍ମା ବାଗନାଗୁଡା ରାସ୍ତା, କଂଗ୍ରୋରୁ ଅଏମା ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଲମତାଗୁଡା ପଞ୍ଚାୟତ ଅଧିନ ଆଉଳିଗୁମା ନାଳରେ ୫ ଫୁଟ ପାଣି ପ୍ରବାହିତ ହେଉଛି । ନନ୍ଦାହାଣ୍ଡି ବ୍ଲକ ନରସିଂଗୁଡାରୁ ତେନ୍ତୁଲିଖୁଣ୍ଟି ବ୍ଲକ ଚରାମୂଳା ଗାଁକୁ ସଂଯୋଗ ପାଇଁ ନିର୍ମାଣଧିନ ପୋଲ ନିକଟରେ କରାଯାଇଥିବା ଆପ୍ରୋଚ ରାସ୍ତା ଧୋଇ ହୋଇ ଯାଇଛି । ଅଞ୍ଚଳଗୁମ୍ମା ପାତ୍ରପୁଟକୁ ସଂଯୋଗ କରୁଥିବା ରାସ୍ତାର ଭରଗୁଡା ଗାଁ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାରୁ ବନ୍ଧଗୁଡାରୁ ନବରଙ୍ଗପୁରକୁ ବସ ଯାତାୟତ ହୋଇ ପାରୁ ନାହିଁ ।



ଅଧୁରା ଓଲମା ପୋଲ ବର୍ଷା ଜଳରେ ବୁଡି ରହିଛି।

## ଚନ୍ଦାହାଣ୍ଡିରେ ସର୍ବାଧିକ ବର୍ଷା

**ନବରଙ୍ଗପୁର,୭।୮(ବି.ପ୍ର.)-** ନବରଙ୍ଗପୁର ଜିଲାରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ନଦୀ ନାଳ ଗୁଡିକର ଜଳପତ୍ତନ ବୃଦ୍ଧି ପାଇଛି । କେତେକ ସ୍ଥାନରେ କଲଭର୍ଟ ଗୁଡିକ ଭାଙ୍ଗି ଯାଇଥିବା ଓ ପୋଲ ଗୁଡିକ ନିର୍ମାଣ ହୋଇ ପାରିନଥିବାରୁ ଡାଇଭର୍ସନ ଗୁଡିକ ଧୋଇ ହୋଇ ଯାଇଛି । ଏନେଇ ଯାତାୟତରେ ବାଧା ସୃଷ୍ଟି ହୋଇଛି । ନବରଙ୍ଗପୁର ଜିଲାରେ ୫୭.୧୬ ମିମି ବର୍ଷା ହୋଇଛି । ନବରଙ୍ଗପୁର ବ୍ଲକରେ ୬୦, ନନ୍ଦାହାଣ୍ଡି ବ୍ଲକରେ ୬୩, ତେନ୍ତୁଲିଖୁଣ୍ଟି ବ୍ଲକରେ ୪୨, ପାପଡାଡାଣ୍ଡି ବ୍ଲକରେ ୬୨, କୋଷାଗୁମୁଡା ବ୍ଲକରେ ୪୮.୬, ଡାବୁଗାଁ ବ୍ଲକରେ ୫୩, ଉମରକୋଟ ବ୍ଲକରେ୪୧.୨, ରାଇଘର ବ୍ଲକରେ ୫୦, ଝରିଗାଁ ବ୍ଲକରେ ୬୬ ଓ ଚନ୍ଦାହାଣ୍ଡି ବ୍ଲକରେ ୮୫ ମିମି ବର୍ଷ ହୋଇଛି ବୋଲି ଜିଲା ଜରୁରୀକାଳୀନ କାର୍ଯ୍ୟାଳୟରୁ ଜଣାପଡିଛି ।

## ବୃଦ୍ଧି ପାଉଛି ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତ୍ତନ

**ତେନ୍ତୁଲିଖୁଣ୍ଟି,୭।୮(ଡି.ଏନ.ଏ)-** ଲଗାଣ ବର୍ଷା ଯୋଗୁ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତ୍ତନ ବୃଦ୍ଧି ପାଇ ବୁଧବାର ୬୩୭.୦୮ ମିଟରରେ ପହଞ୍ଚିଛି। ଗତବର୍ଷ ଜୁଲାଇ ୭ ତାରିଖରେ ଏହାର ଜଳପତ୍ତନ ୬୩୫.୨୫ ମିଟର ରହିଥିଲା। ଜଳଭଣ୍ଡାର ପରିଚାଳନା ନିୟମ ଅନୁସାରେ ଅଗଷ୍ଟ ମାସରେ ଜଳପତ୍ତନ ୬୩୮ ମିଟର ରହିବା କଥା। ଯଦି ଗୁରୁବାର ଲଗାଣ ବର୍ଷା ଜାରୀ ରହେ ତେବେ କୌଣସି ମୁହୂର୍ତ୍ତରେ ଜଳଭଣ୍ଡାର ଗେଟ ଖୋଲାଯିବ ବୋଲି ଡାକବାଜିଯନ୍ତ୍ର ମାଧ୍ୟମରେ ଘୋଷଣା କରାଯାଇଛି। ଇନ୍ଦ୍ରାବତୀରେ ୨୨୦ ମିଲିମିଟର ବର୍ଷା, ମୁରାନରେ ୧୧୨.୮୦ ମିଲିମିଟର, ଦଶମନ୍ତପୁରରେ ୧୮୩ ମିଲିମିଟର, ତେନ୍ତୁଲିଖୁଣ୍ଟିର ୮୮.୨ ମିଲିମିଟର ହୋଇଥିବା ରେକର୍ଡ କରାଯାଇଛି। ଜଳଭଣ୍ଡାର ମଧକୁ ୨୧୭୧.୭୪୮ ଘନ ମିଟର ଜଳ ପ୍ରତି ସେକେଣ୍ଡରେ ପ୍ରବେଶ କରୁଥିବା ବେଳେ ବିଦ୍ୟୁତ ଉତ୍ପାଦନ ପରେ ୪୫.୩୩୬ ଘନମିଟର ଜଳ ନିଷ୍କାସିତ ହେଉଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

